THE BALASORE BHADRAK CENTRAL CO-OPERATIVE BA
ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟା

ମାଇକ୍ରୋ ଫାଇନାନ୍ସ ବିଭାଗର ମୁଖପତ୍ର

# ଜାଗୃତି

ଯେ ପର୍ଯ୍ୟନ୍ତ ଭାରତୀୟ ନାରୀ
ସାମାଜିକ ସ୍ତରରେ ସକ୍ରିୟ ନହୋଇଛି
ସେ ପର୍ଯ୍ୟନ୍ତ ଭାରତର ଉନ୍ନତି ଅସମ୍ଭବ । - ମହାତ୍ମା ଗାନ୍ଧୀ

ପ୍ରଥମ ବର୍ଷ | ୨ୟ ସଂଖ୍ୟା | ମାର୍ଚ୍ଚ-୨୦୦୭



## ବାର୍ତ୍ତା

ରାଜ୍ୟର ଏକ ଅଗ୍ରଣୀ ବ୍ୟାଙ୍କ ଭାବରେ ବିବେଚିତ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ୨୦୦୬ ବର୍ଷର ସମବାୟ ସପ୍ତାହ ଉତ୍ସବ ପାଳନ ଅବସରରେ ପ୍ରକାଶ କରିଥିବା ତ୍ରୈମାସିକ ପତ୍ରିକା ଜାଗୃତି ମୋର ହସ୍ତଗତ ହୋଇଅଛି । ଏହା ରାଜ୍ୟର ସମବାୟ ଆନ୍ଦୋଳନକୁ ଅଧିକ ସଂଗଠିତ କରାଇବା ପାଇଁ ଆଉ ଏକ ବଳିଷ୍ଠ ପଦକ୍ଷେପ ବୋଲି ମୁଁ ମନେ କରେ । ଯଦି ଏହି ତ୍ରୈମାସିକ ପତ୍ରିକାରେ ବିଭିନ୍ନ ଋଣ ସ୍କିମ୍ ସଂପର୍କରେ ବିବରଣୀ, ସମବାୟ ମାଧ୍ୟମରେ ଧାନ ସଂଗ୍ରହ କାର୍ଯ୍ୟକ୍ରମ, ବୈଦନାଥନ୍ କମିଟି ସୁପାରିଶ ଭିତ୍ତିରେ ରାଜ୍ୟରେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଅଧିକରୁ ଅଧିକ ସଂକ୍ଷିପ୍ତ ବିବରଣୀ ପ୍ରକାଶ କରାଯାଇ, ପତ୍ରିକାଟିକୁ ସମସ୍ତ ଗ୍ରାମପଞ୍ଚାୟତ, ସଫଳ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଅନ୍ୟାନ୍ୟ ଅନୁଷ୍ଠାନ (କମ୍ୟୁନିଟି ବେସ୍ଡ ଆର୍ଗାନାଇଜେସନ୍) ମାନଙ୍କୁ ଦିଆଯାଇ ପାରନ୍ତା,ତେବେ ତାହା ସମବାୟ ଆନ୍ଦୋଳନକୁ ଅଧିକ ଲୋକାଭିମୁଖୀ ଓ ସଫଳତା ଦିଗରେ ଅଗ୍ରସର କରାଇପାରନ୍ତା ।

ଉକ୍ତ ତ୍ରୈମାସିକ ପତ୍ରିକା ପ୍ରକାଶନ ଓ ସଂପାଦନା ପାଇଁ ଆଗ୍ରହ ପ୍ରକାଶ କରିଥିବା ଓ ଶ୍ରମଦାନ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁଁ ଧନ୍ୟବାଦ୍ ଜ୍ଞାପନ କରୁଛି ।

ର. ନା. ଦାଶ
ରବୀନ୍ଦ୍ର ନାରାୟଣ ଦାଶ, ଆଇ.ଏ.ଏସ୍
ପରିଚାଳନା ନିର୍ଦ୍ଦେଶକ

Smt Surama Padhy
Minister of State
(Ind.Charge)
Co operation, Orissa

Phone
Office : 2536926
EPABX : 2102
Res : 2563113
D.O. No.../MOSC
Bhubaneswar
Date : 26.2.2007



## Message

It is my pleasure to know that "The Balasore Bhadrak Central Co-operative Bank Ltd., Balasore" is bringing out the 2nd issue of its quarterly News Magazine "JAGRUTI" during February, 2007 to popularize their exemplary activities of PACS and S.H.G.s of the area. This is a step forward for promotion of Co-opeartive spirit and Co-operative movement of the State. This will also provide a better vision for economic development of the people of the area through Co-operatives.

I appreciate the endeavour and wish the publication of JAGRUTI all success.

Sd/- Padhy 26.2.07
(Surama Padhy)



୨୦୦୫-୦୬ ମସିହାରେ ରାଜ୍ୟର ଶ୍ରେଷ୍ଠ ସମବାୟ ବ୍ୟାଙ୍କ ଭାବେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଠାରୁ ବ୍ୟାଙ୍କର ସଭାପତି ଓ ସଂପାଦକଙ୍କ ପୁରସ୍କାର ଗ୍ରହଣ ।






ଜୋଗରାଇସ୍ଥିତ ଡାଳସାରୀ ପାଞ୍ଜନିବାସ ଠାରେ ବ୍ୟାଙ୍କ ଦ୍ୱାରା ଆୟୋଜିତ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ।



## ବାର୍ତ୍ତା

ବାଲେଶ୍ୱର ଭଦ୍ରକ ସମବାୟ କେନ୍ଦ୍ର ବ୍ୟାଙ୍କ ଆନୁକୂଲ୍ୟରେ ଜାଗୃତିର ପ୍ରକାଶନ ଏକ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ପଦକ୍ଷେପ । ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଅନେକ ବୈପ୍ଳବିକ ପରିବର୍ତ୍ତନ ସାଧନ ହୋଇପାରିଛି । ମହିଳା ସଶକ୍ତିକରଣ ଠାରୁ ଆରମ୍ଭ କରି କ୍ଷୁଦ୍ର ସଂଚୟ ( Micro savings) କ୍ଷୁଦ୍ର ଋଣ (Micro Finance), ଏବଂ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିଛି । ସାମାଜିକ ତଥା ଅର୍ଥନୈତିକ ପ୍ରଗତିରେ ମହିଳା ମାନଙ୍କ, ବିଶେଷ କରି ସାଧାରଣ ଗୃହିଣୀମାନଙ୍କ ଭୂମିକା ତଥା ଅବଦାନର ଏକ ନୂତନ ପରିଭାଷା ସୃଷ୍ଟି ହୋଇପାରିଛି । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏକ ନୀରବ ତଥା ଶକ୍ତିଶାଳୀ ଆନ୍ଦୋଳନର କର୍ଣ୍ଣଧାର । ଲକ୍ଷ୍ୟସ୍ଥଳରେ ପହଂଚିବା ପାଇଁ ଆନ୍ଦୋଳନର କର୍ମୀମାନଙ୍କୁ ଜାଗୃତି ଆବଶ୍ୟକୀୟ ପ୍ରେରଣା ଓ ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ, ଏହା ନିଃସଂଦେହ । ଗୋଷ୍ଠୀର ସଦସ୍ୟାମାନଙ୍କ ମନରେ ଏକ ନୂତନ ଜାଗରଣ ତଥା ଉନ୍ମାଦନା ସୃଷ୍ଟି କରିବରେ ଜାଗୃତି ସକ୍ରିୟ ଅଂଶ ଗ୍ରହଣ କରି ସ୍ୱୟଂ ସହାୟକ ଗୋଷ୍ଠୀକୁ ଆହୁରି ସୁସଂଗଠିତ ଏବଂ ଶକ୍ତିଶାଳୀ କରୁ , ଏହା ହିଁ ମୋର ଏକାନ୍ତ କାମ୍ୟ ।

ବିଷ୍ଣୁ ମୋହନ କର
ନିବନ୍ଧକ, ସମବାୟ ସମିତି ସମୂହ, ଓଡ଼ିଶା



୨୦୦୫-୦୬ ମସିହାରେ ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ଋଣ ପ୍ରଦାନରେ ଶ୍ରେଷ୍ଠ ବିବେଚିତ ବ୍ୟାଙ୍କ ଭାବରେ ସଂପାଦକ ଶ୍ରୀ ସତ୍ୟନାରାୟଣ ପଣ୍ଡା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

visit us at : www.dccb-balasore.com

अश्विनी कुमार वैष्णव भा.प्र.से.
उपाध्यक्ष

Ashwini Kumar Vaishnaw I.A.S.
Deputy Chairman

AN ISO 9001:2000 PORT

मुरगांव पत्तन न्यास
MORMUGAO PORT TRUST
प्रशासन कार्यालय, हेडलैण्ड सडा, गोवा - 403 804
Administrative Office, Headland Sada, GOA-403804
दूरभाष कार्या Tel Off: (0832) 2521110
निवास Res : (0832) 2521111
फैक्स कार्या Fax : (0832) 2521115
Email : dychmgpt@sancharnet.in

D.O.No.DYCH/AKV/2007/

5th January, 2007.

D.O. No. DYCH/AKV/2007/ 1362

Date : 5th January, 2007

ପ୍ରିୟ ପାଣ୍ଡା ବାବୁ,

Thanks very much for your letter of 28th December, 2006. I vividly recall the enthusiasm in your team. It is your team effort that has kept the Balasore Bhadrak Central Co-operative Bank Ltd., in profit and away from controversies.

Keep up the good work that you are doing and remember that CHOICE, NOT CHANCE DETERMINES DESTINY.

ଅଶ୍ୱିନୀ ବୈଷ୍ଣବ
(Ashwini Kumar Vaishnaw)

ORISSA computer application centre
(Technical Directorate of I.T. Department, Government of Orissa)
ocac building, plot no.- n-1/7-d, acharya vihar square,
rrl post office, bhubaneswar -751 013 (india)
epBx :2588280 / 2588064 / 2588295, gram : OCAC,
FAX : +91-0674-2582842
email : contact@ocac.in Website : www.ocac.in



**Vishal K. Dev, I.A.S.**
Chief Executive Officer, OCAC
& Director, IT
Our Ref. No. OCAC-CE-02/2006-569
Date : 26th February, 2007

Dear Shri Panda,

I am delighted to know that all the 30 branches of Balasore Bhadrak Central Co-operative Bank have been fully computerized. It is a great achievement on the part of the bank and I would like to congratulate each and every employee of the bank for this praiseworthy achievement. It is also heartening to know that 51 out of 119 Mini Bank PACS have also been computerized. I am confident that Balasore Bhadrak Central Co-operative Bank is set to emerge as one of the leading banks in the state.

I convey my best wishes to you and to your entire team and also wish the bank a bright future.

(Vishal K. Dev)

**Sanjeev Chopra, I.A.S.**
Managing Director

D.O. No. 3476 /OMC/2007
Date : 20th February, 2007



Dear Shri Panda,

Thank you for your letter intimating the full computerization of all 30 branches of your DCCB and 52 out of 97 PACS. I would like to convey my heartiest congratulations to you as well as all the employees of the CCB for this unparalleled achievement. Having worked in the sector for more than 4 years, I can tell you that this is a great achievement which the Bank can be justifiably proud of. I am also sure that this achievement would not have been possible without your initiative and leadership. In the present times, unless we keep up with the latest technology in the banking sector, we are bound to be left behind and ultimately discarded by the customers. Please keep up the good work in future also.

I also tried to access your website www.dccb-balasore.com, but was unable to do so as the address seems to be incorrect.

Yours sincerely,

(Sanjeev Chopra)

**ORISSA MINING CORPORATION**
(A Govt. of Orissa Undertaking)
OMC HOUSE, BHUBANESWAR-751 001,
INDIA
Tel : 91-674-2392778, 2394655
Fax- 2396889, 2391629

## ସଂପାଦକୀୟ

### ଜାଗୃତିର ଜାଗରଣ

( ନିଜ ପାଇଁ ନିଜର ନିର୍ମାଣ )

ଆମେ ମନେରଖିବା ଉଚିତ ଯେ ନିଜସ୍ୱ ଅନୁଭବ ହିଁ ନିଜର ପ୍ରକୃତ ପୁଞ୍ଜି । ସେହି ପୁଞ୍ଜି ସଂଗ୍ରହ କରିବାକୁ ହେଲେ ଆତ୍ମ ଶୃଙ୍ଖଳାର ସହ ପାରସ୍ପରିକ ସହଯୋଗର ପାହାଚରେ ଠିଆ ହେବାକୁ ହେବ । ନିଜ ପ୍ରଗତି ଓ ସମୃଦ୍ଧିର ଦର୍ପଣରେ ଭବିଷ୍ୟତ ଜୀବନର ମାନଚିତ୍ର ପ୍ରତିବିମ୍ବିତ କରିବାକୁ ହେବ । ଜାଗୃତି ସାମାଜିକ ଜାଗରଣର ଏକ ଉଦୀୟମାନ ସୂର୍ଯ୍ୟ । ସ୍ୱୟଂ ସହାୟକ ଗୋଷ୍ଠୀର ସବୁ ସ୍ୱପ୍ନକୁ ସୂର୍ଯ୍ୟର କିରଣଭଳି ସମସ୍ତ ମଣିଷଙ୍କ ପାଖରେ ପହଞ୍ଚାଇବ । ଏହା କେବଳ ସୁସ୍ଥ ମାନସିକତାର ଅପେକ୍ଷା ରଖେ । ଅସଫଳ ମଣିଷଙ୍କୁ ବାରମ୍ବାର ସଫଳ ମଣିଷର ଉଦାହରଣ ଦେଇ ଏବଂ ସଫଳତାର ମନ୍ତ୍ର ଦେଇପାରିଲେ ସେମାନଙ୍କ ଜୀବନଚର୍ଯ୍ୟାର ନିଶ୍ଚୟ ପରିବର୍ତ୍ତନ ଆସିବ । ସେମାନେ ନିଜକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିପାରିବେ ଏଥିରେ ସନ୍ଦେହନାହିଁ । ସ୍ୱୟଂ ସହାୟକ ଗୋଷ୍ଠୀର ଜନ୍ମ ଜାତକ ହିଁ ବଡ ପବିତ୍ର ଓ ସ୍ୱଚ୍ଛ । ଗୋଷ୍ଠୀ ଗଠନ ମାଧ୍ୟମରେ ଆମେ ଶୃଙ୍ଖଳା, ସ୍ନେହ, ମମତା ସହାନୁଭୂତି ଓ ଏକତାର ମୂଳମନ୍ତ୍ର ବିଷୟରେ ସୂଚନା ଦେଉ । ଯେମିତିକି ସଦସ୍ୟମାନଙ୍କ ଦ୍ୱାରା ନିୟମିତ ସାପ୍ତାହିକ ବୈଠକ ଓ ବିଳମ୍ବ ଉପସ୍ଥିତି ପାଇଁ ଜରିମାନା ଆଦାୟ । ଏକ ପବିତ୍ର ପରିବେଶ ସୃଷ୍ଟି କରିବା ପାଇଁ ଧୂପ ପ୍ରଜ୍ୱଳନ ସହ ପ୍ରାର୍ଥନା । ଉପଯୁକ୍ତ ମାନସିକତା ନିର୍ମାଣ ପାଇଁ ଗୋଷ୍ଠୀ ସଙ୍ଗୀତ ଗାନ । ସ୍ୱଚ୍ଛତା ଓ ସାଧୁତା ବଜାୟ ରଖିବାପାଇଁ ପ୍ରତି ଛ' ମାସରେ କର୍ମକର୍ତ୍ତା ବଦଳ ତଥା ବୃତ୍ତାକାରରେ ବୈଠକ ଇତ୍ୟାଦି ଅନେକ କଥା ସୂଚାଇ ଦିଏ ଯେ ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ କେତେ ମହତ । ଏହା କେବଳ ବ୍ୟକ୍ତିର ଅର୍ଥନୈତିକ ଉନ୍ନତିର ସାହାଯ୍ୟ କରେନାହିଁ ବରଂ ଏକାଧାରରେ ମାନସିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ସହ ଏକ ସାଂସ୍କୃତିକ ଜାଗରଣର ବାତାବରଣ ସୃଷ୍ଟି କରିଥାଏ । ଅନେକ ବିନ୍ଦୁର ସମ୍ମିଶ୍ରଣ ଯେମିତି ସିନ୍ଧୁର ସୃଷ୍ଟି କରିଥାଏ, ୧୦ରୁ ୨୦ ଜଣଙ୍କୁ ନେଇ ଗଠିତ ହୋଇଥିବା ଗୋଷ୍ଠୀ ଗଠନ ମାଧ୍ୟମରେ ସାଧାରଣ ଜନଜୀବନର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଯେଉଁ ସ୍ୱପ୍ନ ଦେଖିବା ଆରମ୍ଭ କରିଛୁ ତାହାକୁ ସଫଳ କରିବାପାଇଁ ଆପଣଙ୍କର ଆନ୍ତରିକ ସହଯୋଗ ଲୋଡା 'ଜାଗୃତି' ଅନେକ ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ଜନସାଧାରଣଙ୍କ ନିକଟରେ ସଫଳତାର ମନ୍ତ୍ର ପହଞ୍ଚାଇ ପାରିଲେ ଆମ ସାମାଜିକ ଜୀବନଚର୍ଯ୍ୟାର ଯଥେଷ୍ଟ ପରିବର୍ତ୍ତନ ଘଟିବ ।

ମୁଖ୍ୟ ସଂପାଦକ
**ଶ୍ରୀ ପ୍ରଶାନ୍ତ କୁମାର ଦାସ**
ସଂପାଦନା ମଣ୍ଡଳୀ
**ଶ୍ରୀ ବେଣୁଧର ଦେ**
**ଶ୍ରୀ ବିଷ୍ଣୁ ପ୍ରସାଦ ମହାନ୍ତି**
**ଶ୍ରୀ କଳିଙ୍ଗ କୁମାର ମହାପାତ୍ର**
**ଶ୍ରୀମତୀ ଇନ୍ଦୁରେଖା ପଣ୍ଡା**
**ଶ୍ରୀ ଶରତ କୁମାର ଦଳସିଂହରାୟ**

## ସ୍ୱଳ୍ପ ମିଆଦୀ ଗ୍ରାମ୍ୟ ସମବାୟ ଋଣ ବ୍ୟବସ୍ଥାର ପୁନଃବିନ୍ୟାସ ପ୍ୟାକେଜ୍ (ବୈଦ୍ୟନାଥନ କମିଟର ସଂକ୍ଷିପ୍ତ ରିପୋର୍ଟ)

ସ୍ୱଳ୍ପ ମିଆଦୀ ଗ୍ରାମ୍ୟ ସମବାୟ ଋଣ ବ୍ୟବସ୍ଥାର ଆର୍ଥିକ ଓ ସଂସ୍ଥାଗତ ଦୁର୍ବଳତାକୁ ହୃଦୟଗମ କରି କେନ୍ଦ୍ର ସରକାର ଅଗଷ୍ଟ ୨୦୦୪ ମସିହାରେ ଡଃ ଏ. ବୈଦ୍ୟନାଥନଙ୍କ ଅଧ୍ୟକ୍ଷତାରେ ଗୋଟିଏ ଟାକ୍ସଫୋର୍ସ କମିଟି ଗଠନ କଲେ । ଏହି କମିଟିଙ୍କ ରିପୋର୍ଟ ଫେବୃୟାରୀ ୨୦୦୫ ମସିହାରେ ହସ୍ତଗତ ହେଲାପରେ ଜୁନ୍ ମାସରେ ଜାତୀୟ ବିକାଶ ପରିଷଦରେ ଆଲୋଚିତ ହେଲା ଏବଂ ପରେ ଏହା ସେପ୍ଟେମ୍ବର ୨୦୦୫ ମସିହାରେ ମୁଖ୍ୟ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଆଲୋଚିତ ହେବା ପରେ, ରାଜ୍ୟ ସମବାୟ ମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ମାନଙ୍କ ବିଶେଷ ସମ୍ମିଳନୀରେ ଆଲୋଚନା ହୋଇ ସହମତି ବକ୍ତବ୍ୟକୁ ଭିତ୍ତିକରି ପୁନଃରୋଦ୍ଧାର ପ୍ୟାକେଜ ପ୍ରସ୍ତୁତ କରାଗଲା ।

ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି :

(କ) ସମବାୟ ଋଣ ବ୍ୟବସ୍ଥାକୁ ପୁନର୍ଜୀବିତ ତଥା ଚଳଚଞ୍ଚଳ କରି ଛୋଟ ଓ ନାମକୁ ମାତ୍ର ଚାଷୀ ମାନଙ୍କୁ ଋଣ ଯୋଗାଇବା ।

(ଖ) ଆର୍ଥିକ ସହାଯ୍ୟଦେଇ ଗ୍ରାମ୍ୟ ଋଣ ସଂସ୍ଥାମାନଙ୍କର ଆର୍ଥିକ ଉନ୍ନତି କରାଇବା ।

(ଗ) ଆଇନଗତ ସଂସ୍କାର ଆଣି ସଂସ୍ଥାଗୁଡିକୁ ଗଣତାନ୍ତ୍ରିକ ଆତ୍ମନିର୍ଭରଶୀଳ ଓ ସଭ୍ୟ କେନ୍ଦ୍ରିକ କରାଇବା ସହ ପରିଚାଳନାକୁ ଗୁଣାତ୍ମକ କରାଇବା ।

ଏହି ଆର୍ଥିକ ସାହାଯ୍ୟ ମାତ୍ର ଥରକ ପାଇଁ ପ୍ରଦାନ କରାଯିବ । ଏଥିରେ ଯେଉଁ ରାଜ୍ୟ ସରକାର ମାନେ ଭାଗ ନେବେ ସେମାନେ କେନ୍ଦ୍ର ସରକାର ଓ ନାବାର୍ଡ କର୍ତ୍ତୃପକ୍ଷଙ୍କ ସହ ଗୋଟିଏ ବୁଝାମଣା ପତ୍ର (କ୍ଷକ୍ଷ) ସ୍ୱାକ୍ଷର କରିବେ । ଏହି ବୁଝାମଣାପତ୍ରରେ ଗ୍ରାମ୍ୟ ସମବାୟ ଋଣ ସଂସ୍ଥାମାନଙ୍କର କ୍ଷତିର ପରିମାଣ ହିସାବକୁ ନେଇ ଅର୍ଥସହାୟତା କରାଯିବ । କିନ୍ତୁ ସମିତି ଗୁଡିକ ସେମାନଙ୍କର ବାକିଆ ଋଣ ଆଦାୟ ପାଇଁ ସମସ୍ତ ଚେଷ୍ଟା ଜାରିରଖିବେ ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବେ ।

ସେବା ସମବାୟ ସମିତି ମାନଙ୍କର ପ୍ରାପ୍ୟ ଦେୟ ପରିଶୋଧ କରିବା ସହ ପୁଞ୍ଜି ଦୃଢିକରଣ କରାଇ ସମିତିମାନଙ୍କର ଆର୍ଥିକ ଅବସ୍ଥାକୁ ଏକ ଗ୍ରହଣଯୋଗ୍ୟ ସ୍ତରକୁ ଅଣାଯିବ । ଏହାଦ୍ୱାରା ସମିତିମାନେ କେନ୍ଦ୍ର ସମବାୟ ବ୍ୟାଙ୍କ ଋଣ ପରିଶୋଧ କରିପାରିବେ । ତଦ୍ୱାରା କେନ୍ଦ୍ର ବ୍ୟାଙ୍କର କ୍ଷତିର ହାର ହ୍ରାସ ହୋଇପାରିବ । କେନ୍ଦ୍ର ସମବାୟ ବ୍ୟାଙ୍କକୁ ଆର୍ଥିକ ସହାୟତା ଦିଆଯାଇ ବଳକା କ୍ଷତିକୁ ଶୂନ୍ୟ ସ୍ତରକୁ ଅଣାଯିବ । ଏହି ପ୍ରକ୍ରିୟାରେ ରାଜ୍ୟ ସମବାୟ ବ୍ୟାଙ୍କକୁ ମଧ୍ୟ ସାମିଲ କରାଯିବ ।

ସେବା ସମବାୟ ସମିତି ମାନଙ୍କର ମୋଟ କ୍ଷତିର ପରିମାଣକୁ ସତନ୍ତ୍ର ଅଡିଟ୍ ଦ୍ୱାରା ନିର୍ଦ୍ଧାରଣ କରାଯିବ । ସେବା ସମିତି ଗୁଡିକ ୩ ବର୍ଷ ସମୟ ଭିତରେ ଯେପରିକି ସେମାନଙ୍କର ସି.ଆର.ଏ.ଆର (Capital to Risk weighted Asset ratio) ସର୍ବନିମ୍ନ ୭ଭାଗରୁ ଶତକଡା ୯ଭାଗକୁ ବୃଦ୍ଧିକରିବେ । ଯାହାଦ୍ୱାରାକି ସମିତିଗୁଡିକ ସଂପୂର୍ଣ ଗଣତାନ୍ତ୍ରିକ, ସ୍ୱାବଲମ୍ବୀ ଓ ସାର୍ବଭୌମ ହୋଇ ସରକାରଙ୍କ ଅଂଶଧନ ଧୀରେ ଧୀରେ ଫେରସ୍ତ କରି ଶୂନ୍ୟରେ ପହଞ୍ଚିବେ । ସମିତି ମାନେ ଅନ୍ୟୁନ ୫ବର୍ଷ ମଧ୍ୟରେ ସେମାନଙ୍କର ଋଣ ଆଦାୟ ହାର ଶତକଡା ୮୫% ଭାଗରେ ପହଂଚେଇବା ଆବଶ୍ୟକ ।

ସମବାୟ ସମିତି ମାନଙ୍କର ଦୁର୍ବଳ ଆର୍ଥିକ ସ୍ଥିତିର ମୂଳକାରଣ ହେଉଛି, ନିମ୍ନ ମାନର ପରିଚାଳନା । ଏଥିପାଇଁ କମିଟିଙ୍କ ସୁପାରିଶ ମୁତାବକ ସମବାୟ ସମିତି ଆଇନ, ବ୍ୟାଙ୍କିଙ୍ଗ ରେଗୁଲେସନ୍ ଆକ୍ଟ, ନାବାର୍ଡ ଆକ୍ଟ ଡିଆଇସିଜିସି ଆକ୍ଟର ସଂଶୋଧନ କରାଯାଇ ନିଷ୍ଠାର ସହ ଲାଗୁ କରାଯିବା ନିମନ୍ତେ ରାଜ୍ୟ ସରକାରମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଆମରାଜ୍ୟରେ ଏହି ପ୍ରକ୍ରିୟା ନିଷ୍ଠାର ସହ କାର୍ଯ୍ୟକାରୀ କରାଯାଉଅଛି ।

## ଆସ ସାଧନାର ଗୀତ ପଢିବା
## ନିଜ ପାଇଁ ନିଜେ ଗଢିବା

ଆସସବୁ ମିଶି - ଗାଇଯିବା ହସି
ନିଜ ପାଇଁ ନିଜ ଗୀତ
ନିଜ ସମୃଦ୍ଧର ବାର୍ତ୍ତା ବୁଣି ବୁଣି
ଚାଲିବ ପ୍ରଗତି ରଥ ॥

ସ୍ୱୟଂ ସହାୟକ - ଗୋଷ୍ଠୀ ଗଠନ
ହେଉ ଆମ ପୁଣ୍ୟ କର୍ମ
ସବୁରି ମଂଗଳ - ମନାସିବା ପାଇଁ-
ପରା ଏ ମଣିଷ ଜନ୍ମ ॥

ହାତେ ହାତ ଛନ୍ଦି -ଚାଲିବା ଆଗକୁ
ନିଜବାଟ ନିଜେ ଖୋଜି
ସମୟ ଆସିବ - ସୁଖର ପିଠିରେ
ଦୁଃଖ ସବୁ ଯିବ ହଜି ॥

ପାଦେ ପାଦେକରି ଆମେ ଆଗେଇଲେ
ଆଗେଇବ ସାରା ଦେଶ
ସମୟ ବୁକୁରେ ଆମେ ଲେଖିଦେବା
ନୂଆଏକ ଇତିହାସ ॥

ଆମେ ତ ଗଢ଼ିବା ଆମେ ସଜାଡିବା
ନିଜର ଭାଗ୍ୟନିଜେ
ଆପଣାକୁ ଥରେ ପରଖି ନେବାରେ
ସୁନା କେତେ ଖାଦ କେତେ ।
ଏକ ମନ ଆମ ଏକ ପ୍ରାଣ ଆମ
ଏକଇ ଆମର ଭାଷା
ଗୋଷ୍ଠୀ ଗଠନ ନୁହେଁ କିଛି ଭିନ୍ନ
ଏକତାର ପରିଭାଷା ॥

ଜଣଙ୍କର ପାଇଁ ସଭିଏଁ ଆମେରେ
ସବୁରି ପାଇଁ କି ଜଣେ
ଶକ୍ତିର ପ୍ରାଣ ସ୍ପନ୍ଦନ ଆମେ
ଏକଥା ରଖିବା ମନେ ॥

# ମହିଳା ସଶକ୍ତିକରଣରେ ମାଇକ୍ରୋ କ୍ରେଡିଟର ଭୂମିକା

ସମଗ୍ର ବିଶ୍ୱରେ ଦାରିଦ୍ରତାର ସୀମାରେଖା ତଳେ ବାସ କରୁଥିବା ପ୍ରାୟ ୧୦୦କୋଟିରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ମଧ୍ୟରେ ମହିଳାମାନଙ୍କ ହାର ୭୦ଭାଗ । ଏଥିରେ ସ୍ପଷ୍ଟ ଅନୁମେୟ , ପୁରୁଷ ମାନଙ୍କ ପରି ସମାନ ସାଙ୍ଗଠନିକ , ସାମାଜିକ ତଥା ଅର୍ଥନୈତିକ ସୁବିଧା ସୁଯୋଗରୁ ମହିଳାମାନେ ବଂଚିତ , ଯାହାର କାରଣ ହେଲା ମୁଖ୍ୟତଃ ସେମାନେ ଅଶିକ୍ଷିତ ଅସଂଗଠିତ ଏବଂ ଉପେକ୍ଷିତ।

ଏମିତି ଏକ ସମ୍ବେଦନଶୀଳ ପରିସ୍ଥିତିରେ ଉପେକ୍ଷିତ ମହିଳାମାନଙ୍କର ସହଯୋଗ ମନୋବୃତ୍ତିର ବିକାଶ, ସାଙ୍ଗଠନିକ ସଚେତନତାର ଉନ୍ମେଷ ପୂର୍ବକ ଅର୍ଥନୈତିକ ସ୍ୱାବଲମ୍ବନଶୀଳ ହେବା ନିମନ୍ତେ ଆନୁଷ୍ଠାନିକ ଋଣ ପ୍ରଦାନ ବ୍ୟବସ୍ଥାର ମୁଖ୍ୟ ଧାରାରେ ସାମିଲ କରାଯାଇ ପାରିଲେ ଅନ୍ତତପକ୍ଷେ ସେମାନେ ଗ୍ରାମ୍ୟସାହୁକାର ତଥା ଅଣ ସ୍ୱୀକୃତୀପ୍ରାପ୍ତ ଋଣ ସଂସ୍ଥାମାନଙ୍କର ଆର୍ଥିକ ଶୋଷଣରୁ ମୁକ୍ତ ହୋଇ ରୋଜଗାରକ୍ଷମ ଏବଂ ସ୍ୱାବଲମ୍ବନଶୀଳ ହୋଇପାରନ୍ତେ ।

ତେଣୁ ବର୍ତ୍ତମାନ ପରିସ୍ଥିତିରେ ପୁଞ୍ଜିସଂଚାଳନ କ୍ଷେତ୍ରରେ ପାରମ୍ପରିକ ଋଣ ପ୍ରଦାନ ପ୍ରକ୍ରିୟାର ସମୟୋପଯୋଗୀ ବିକଳ୍ପ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୋଇଛି । ଜାତୀୟ କରଣ ବ୍ୟାଙ୍କର ଜଟିଳ ଋଣ ପ୍ରଦାନ ଶୈଳୀ ଦରିଦ୍ରତମ ଜନସାଧାରଣ ବିଶେଷ ତଃ ମହିଳା ମାନଙ୍କ ପକ୍ଷେ ଋଣ ଉପଯୋଗ କରିବା କଷ୍ଟସାଧ୍ୟ ବ୍ୟପାର ହୋଇପଡିଛି । ଏକକବାଦର ବିଲୋପ, ସହରାଭୀମୁଖି ଆଭିମୁଖ୍ୟରୁ ଗ୍ରାମାଭିମୁଖି ମନବୃତ୍ତି ଉପରେ ଗୁରୁତ୍ୱ ଆରୋପ, ଋଣ ପ୍ରଦାନ ପ୍ରକ୍ରିୟାରେ କ୍ରମ ବିକାଶ, ଉତ୍କଟ ଦାରିଦ୍ର ନିରାକରଣର ଆବଶ୍ୟକତା ଓ ମହିଳା ସ୍ୱାବଲମ୍ବନଶୀଳତାକୁ ଦୃଷ୍ଟିରେ ରଖି ଡ. ମହମ୍ମଦ ୟୁନୁସଙ୍କ ପରିକଳ୍ପିତ ବାଂଲାଦେଶ ଗ୍ରାମୀଣ ବ୍ୟାଙ୍କ ମହିଳାମାନଙ୍କ ବିକାଶ ପାଇଁ ସେମାନଙ୍କର ଇଚ୍ଛା ମୁତାବକ ଲଘୁ ଉଦ୍ୟୋଗମାନ ଗଠନ ନିମନ୍ତେ ସାହାଯ୍ୟ ପ୍ରଦାନ ପୂର୍ବକ ନିମ୍ନ ରୋଜଗାର କ୍ଷମ ଉଦ୍ୟୋଗୀମାନଙ୍କ ଆବଶ୍ୟକତାକୁ ପରିପୂରଣ କରିବାରେ ସହାୟକ ହୋଇପାରିଥଲା । ଏହା ହିଁ ଥିଲା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନର ପ୍ରଥମ ସୋପାନ । ଏହି ବ୍ୟବସ୍ଥାରେ ସାମିଲ ସଭ୍ୟ/ ସଭ୍ୟା ମାନଙ୍କର ଆର୍ଥିକ ଓ ସାମାଜିକ ଅଭିବୃଦ୍ଧିକୁ ପ୍ରାଧାନ୍ୟ ଦିଆଯିବା ସଂଗେ ସଂଗେ ସେମାନଙ୍କ ମଧ୍ୟରେ ପାରସ୍ପରିକ ପ୍ରତିକଳ୍ପ ବ୍ୟବସ୍ଥା , ପାରସ୍ପରିକ ସହଯୋଗ ମନବୃତ୍ତିର ବିକାଶ ସାଧନ , କ୍ଷୁଦ୍ର ବ୍ୟୟ ଭାର ବହନ କରିବାର ସଚେତନତା, ମିଳିତ ଦାୟିତ୍ୱବଦ୍ଧ ଓ ବିଶ୍ୱାସନୀୟତା ଆଦି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ସେମାନଙ୍କୁ ଆନୁଷ୍ଠାନିକ କ୍ଷୁଦ୍ର ଋଣ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ଓ ସ୍ୱବଲମ୍ବନଶୀଳ କରାଯିବାର ପରିକଳ୍ପନା କରାଯାଇଛି । ବିଶେଶତଃ ଭୂମିହୀନ ପୁରୁଷ ଓ ନିଃସତ୍ୱ ମହିଳାମାନଙ୍କ ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ । ଯଦ୍ୱରା ସମାଜର ଅବହେଳିତ ଓ ଉପେକ୍ଷିତ ଜନସାଧାରଣଙ୍କର ଅର୍ଥନୈତିକ ବିକାଶର ଏକ ସହଜ ପନ୍ଥା ଉପଲବ୍ଧ ହୋଇପାରିବ ।

ସାଂପ୍ରତିକ ପରିସ୍ଥିତିରେ ଦେଶର ସମସ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ମାନେ ସେମାନଙ୍କ ଶାଖା ବ୍ୟାଙ୍କ ଓ ସମିତିମାନଙ୍କ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି, ତାର ସଭ୍ୟ/ ସଭ୍ୟାମାନଙ୍କୁ କ୍ଷୁଦ୍ର ଋଣ (Micro credit)ପ୍ରଦାନର ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଅନୁଭୂତ ହୋଇଛି ।

• ମାନଗୋବିନ୍ଦ ବାରିକ
ଉପମହାପ୍ରବନ୍ଧକ ,ରାଜ୍ୟ ସମବାୟ ବ୍ୟାଙ୍କ ,ଓଡିଶା

# ସ୍ୱୟଂ ସହାୟକ ଗୋଷ୍ଠୀର ସଫଳ କାହାଣୀ

## ବନଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ :

ରେମୁଣାର ହରଷପୁର ଠାରେ ୧୨.୦୩.୦୩ ରେ ୧୫ଜଣ ମହିଳାକୁ ନେଇ ବନ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଥିଲା । ଏହି ଗୋଷ୍ଠୀରେ ସର୍ବସମ୍ମତି କ୍ରମେ ଶ୍ରୀମତି ଜୟନ୍ତୀ ଦାସ, ସଭାପତି ଓ ଶ୍ରୀମତି ଦୁତୀମଣୀ ଦାସ, ସଂପାଦିକା ଭାବେ ନିର୍ବାଚିତ ହୋଇଥିଲେ । ଏହି ଗୋଷ୍ଠୀ ନିୟମିତ ସାପ୍ତାହିକ ବୈଠକରେ ସେମାନେ ନିଜର ସଂଚୟ ଅର୍ଥ ଜମା କରନ୍ତି । ଅଦ୍ୟାବଧି ସେମାନଙ୍କର ସଂଚୟ ଜମା ରାଶି ଟ.୪୮,୮୬୪ଙ୍କାରେ ହୋଇପାରିଛି ।

ଏହି ଗୋଷ୍ଠୀ ପ୍ରଥମ କିସ୍ତିରେ ଟ.୩୦୦୦୦ଙ୍କା, ଦ୍ୱିତୀୟ କିସ୍ତିରେ ଟ.୫୬୦୦୦ଙ୍କା ତଥା ତୃତୀୟ କିସ୍ତିରେ ଟଙ୍କା ୧ଲକ୍ଷ ଟଙ୍କା ଋଣ ନେଇପାରିଛନ୍ତି । ଉକ୍ତ ଅର୍ଥକୁ ସେମାନେ କୃଷି କ୍ଷେତ୍ରରେ ବିନିଯୋଗ କରି ପ୍ରଥମ ଥର ଟ. ୩,୪୫୦/- ଓ ଦ୍ୱିତୀୟ କିସ୍ତିରେ ଟ.୬,୨୦୦/- ଟଙ୍କା ଲାଭ ପାଇପାରିଛନ୍ତି । ତୃତୀୟ କିସ୍ତିର ଟଙ୍କା ସୁଝାହୋଇନାହିଁ । ଏହି ଗୋଷ୍ଠୀର ସମସ୍ତ ସଭ୍ୟ ଶିକ୍ଷିତା ଅଟନ୍ତି ।



ରେମୁଣାର ବନଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପନିପରିବା ଚାଷ ।

## ବାଶୁଳୀ ମାତା ଭାଗଚାଷୀ ଗୋଷ୍ଠୀ :

ବସ୍ତା ବ୍ଲକର ଦିତିପୁର ଗ୍ରାମର ୧୫ଜଣ ଭୂମିହୀନ ଚାଷୀମାନଙ୍କୁ ନେଇ ତା୧୦.୧୧.୦୫ରିଖରେ ସନ୍ତୋଷପୁର ସେବା ସମବାୟ ସମିତି ତରଫରୁ ବାଶୁଳୀ ମାତା ଭାଗ ଚାଷୀ ନାମକ ଏକ ଗୋଷ୍ଠୀ ଗଠନ କରାଯାଇଥିଲା । ଏହି ଗୋଷ୍ଠୀର ସମସ୍ତ ସଭ୍ୟ ପରସ୍ପର ସହମତି କ୍ରମେ ମାସିକ ୨୦ଟଙ୍କା ଲେଖାଏଁ ସଂଚୟ କରି ବ୍ୟାଙ୍କରେ ଅଦ୍ୟାବଧି ୪,୮୬୭ଟଙ୍କା ଜମା କରିପାରିଛନ୍ତି । ସାପ୍ତାହିକ ବୈଠକରେ ଚାଷ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରିଥାନ୍ତି । ଏହି ଗୋଷ୍ଠୀର ଚାଷୀମାନେ ବ୍ୟାଙ୍କରୁ ପ୍ରଥମ କିସ୍ତିରେ ୧୫,୦୦୦ଟଙ୍କା ଋଣ ନେଇ ୪ ଏକର ଜମିରେ ଧାନଚାଷ କରି ୭,୦୦୦ ଟଙ୍କା ଲାଭ କରିଥିଲେ । ଦ୍ୱିତୀୟ କିସ୍ତିରେ ବ୍ୟାଙ୍କରୁ ୩୦,୦୦୦ଟଙ୍କା ଋଣ ନେଇ ୬ ଏକର ଜମିରେ ଧାନଚାଷ କରିଥିଲେ ଏବଂ ୨୦,୦୦୦ଟଙ୍କା ଲାଭ ପାଇଥିଲେ । ଚଳିତ ବର୍ଷ ଏହି ଗୋଷ୍ଠୀ ୯ ଏକର ଜମିରେ ଧାନଚାଷ କରିବାକୁ ମନସ୍ଥ କରିଛନ୍ତି । ଭାଗ ଚାଷୀ ଗୋଷ୍ଠୀ ହେବା ଦିନ ଠାରୁ ପ୍ରାୟ ସମସ୍ତ ସଦସ୍ୟଙ୍କର ଆର୍ଥିକ ଉନ୍ନତି ହେବା ସଂଗେ ସଂଗେ ନିଜ ପିଲାମାନଙ୍କୁ ସ୍କୁଲ ପଠାଇ ପାରୁଛନ୍ତି ।


ରାଜ୍ୟ ସମବାୟ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକଙ୍କ ଦ୍ୱାରା ବାଶୁଳୀ ମାତା ଭାଗଚାଷୀ ଗୋଷ୍ଠୀ ଦ୍ୱାରା କରାଯାଇଥିବା ଧାନଚାଷ ପରିଦର୍ଶନ ।

## ମା ଜାଡି ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ :

ଭଦ୍ରକ ଜିଲ୍ଲାର ତିହିଡି ବ୍ଲକରେ ଏକ ଛୋଟ ସ୍ଥାନ ଚାରିତରଫ ଗାଁ । ଏହି ଗ୍ରାମର ୧୬ଜଣ ମହିଳା ସଂଘବଦ୍ଧ ହୋଇ ମା ଜାଡି ଠାକୁରାଣୀ ଗୋଷ୍ଠୀ ଗଠନ କରିଥିଲେ । ନିଜ ନିଜ ମଧ୍ୟରେ ଅତ୍ମନିର୍ଭରଶୀଳତା ବୃଦ୍ଧି କରିବା ପାଇଁ ୨୦୦୪ ମସିହା ଅଗଷ୍ଟ ମାସରେ ଏହି ଗୋଷ୍ଠୀ ଗଠନ କରି ସାପ୍ତାହିକ ବୈଠକ ତଥା ବ୍ୟାଙ୍କର ନିର୍ଦ୍ଦେଶକୁ ସୁଚାରୁ ରୂପେ ଆଦରୀ ନେଇ ସ୍ୱଳ୍ପ ସଂଚୟ ଆରମ୍ଭ କରିଥିଲେ । ବର୍ତ୍ତମାନ ଏହି ଗୋଷ୍ଠୀ ବ୍ୟାଙ୍କରେ ୧୨,୭୪୫ଟଙ୍କା ଜମା କରିପାରିଛନ୍ତି । ପ୍ରଥମ କିସ୍ତିରେ ୧୪,୭୦୦ଟଙ୍କା ଏବଂ ଦ୍ୱିତୀୟ କିସ୍ତିରେ ୩୪,୦୦୦ ଟଙ୍କା ଋଣ ନେଇ ସେମାନେ ଗୋଷ୍ଠୀ ମାଧ୍ୟମରେ ଏକ ତେଜରାତି ଦୋକାନ କରିଛନ୍ତି । ଏହାକୁ ସଂପୂର୍ଣ ରୂପେ ଗୋଷ୍ଠୀର ସଭ୍ୟାଙ୍କ ଦ୍ୱାରା ପରିଚାଳିତ କରୁଛନ୍ତି । ବର୍ତ୍ତମାନ ଏହି ଗୋଷ୍ଠୀ ବ୍ୟାଙ୍କର ଋଣ ସୁଝିବା ସଂଗେ ସଂଗେ ନିଜ ନିଜର ମୁଣ୍ଡପିଛା ଆୟ ବଢାଇ ପାରିଛନ୍ତି । ଏତଦ୍‌ବ୍ୟତୀତ ଏହି ଗୋଷ୍ଠୀ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଯୋଗାଇବା ପାଇଁ ସରକାରଙ୍କ ଦ୍ୱାରା ସ୍ୱୀକୃତ ପ୍ରାପ୍ତ ହୋଇଛନ୍ତି ।


ମା ଜାଡ଼ି ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ତେଜରାତି ଦୋକାନ ।

# ସ୍ୱୟଂ ସହାୟକ ଗୋଷ୍ଠୀର ସଫଳ କାହାଣୀ

## ମା ମଙ୍ଗଳା ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ

ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବନ୍ତ ଶାଖା କରିଆରେ ୧୪ ଜଣ ମହିଳାଙ୍କୁ ନେଇ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଥିଲା ଓ ଗୋଷ୍ଠୀ ର ନାମ କରଣ ସର୍ବସମ୍ମତି କ୍ରମେ ମା ମଙ୍ଗଳା ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ନାମିତ କରାଯାଇଥିଲା । ଏହି ଗୋଷ୍ଠୀର ମୋଟ ୧୪ଜଣ ସଭ୍ୟାଙ୍କ ମଧ୍ୟରୁ ୧୩ଜଣ ଦାରିଦ୍ର ସୀମାରେଖାତଳେଥିଲେ । ସର୍ବ ସମ୍ମତିକ୍ରମେ ମାସିକ ୨୦ଟଙ୍କା ଲେଖାଏଁ ସଭ୍ୟ ଚାନ୍ଦା ସ୍ଥିର କରାଯାଇଥିଲା । ଏହି ଗୋଷ୍ଠୀଟି ସେପ୍ଟେମ୍ବର ୨୦୦୧ ମସିହାରେ ଗଠିତ ହୋଇଥିଲା । ଏଯାବତ୍ ୫ଥର ଋଣ ନେଇ ସେମାନେ ସମୂହ ଭାବେ ବଡି, ଆଚାର ତଥା ଚାନ୍ଦୁଆ ତିଆରି ଭଳି ବିଭିନ୍ନ କାମ ହାତକୁ ନେଇଥାନ୍ତି । ଗୋଷ୍ଠୀଦ୍ୱାରା ନିର୍ମିତ ଏହି ଆଚାର ଓ ବଡି ଆଦି ଭଦ୍ରକ ଓ ବନ୍ତର ସ୍ଥାନୀୟ ବଜାରରେ ବିକ୍ରୀ ହୋଇଥାଏ । ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଶେଷଥର ୭୦,୦୦୦ଟଙ୍କା ଋଣ ନେଇ ଉପରୋକ୍ତ ବ୍ୟବସାୟରେ ମନୋନିବେଶ କରିଛନ୍ତି । ଗୋଷ୍ଠୀର ମହିଳାମାନଙ୍କ ଜୀବନ ଧାରଣ ପ୍ରକ୍ରିୟାର ମାନ ନିଶ୍ଚିତ ଭାବରେ ବୃଦ୍ଧି ପାଇଛି ।



ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ପ୍ରକାର ଚାନ୍ଦୁଆ ଓ ଘର ସଜାଇବା ଉପକରଣ ପ୍ରସ୍ତୁତି ।

## ସିନ୍ଧୁକେଶ୍ୱର ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ

ଆଣିକୋ ଗ୍ରାମର ସିନ୍ଧୁକେଶ୍ୱର ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଟି ୨୮ ଜାନୁୟାରୀ ୨୦୦୨ରେ ୨୦ଜଣ ମହିଳାକୁ ନେଇ ଗଠିତ ହୋଇଥିଲା । ଏହି ଗୋଷ୍ଠୀର ମହିଳାମାନେ ନିୟମିତ ମାସକୁ ୪ଟି ଅଧିବେଶନରେ ଯୋଗ ଦିଅନ୍ତି ଓ ମାସକୁ ଟ.୩୦ଲେଖାଏଁ ପ୍ରତ୍ୟେକ ସଭ୍ୟ ଜମା କରନ୍ତି । ବ୍ୟାଙ୍କରୁ ଋଣନେବା ସହ ନିଜ ସଞ୍ଚିତ ( ଏପର୍ଯ୍ୟନ୍ତ) ୨୨,୨୭୭ଟଙ୍କାକୁ ସେମାନେ ନିଜ ନିଜ ମଧ୍ୟରେ ଋଣ ଲଗାଣ କରିଛନ୍ତି । ଉକ୍ତ ଗୋଷ୍ଠୀଟି ଅଗରପଡା ସମବାୟ ବ୍ୟାଙ୍କ ଶାଖାରୁ ମାର୍ଚ୍ଚ ୨୦୦୪ରେ ୩,୨୦୦ଟଙ୍କା ଋଣ ନେଇଥିଲା । ସେ ଋଣ ଉପଯୁକ୍ତ ସମୟରେ ସୁଝି ସାରିବାପରେ ଜୁନ୍ ୨୦୦୬ରେ ସେମାନେ ୬୦,୦୦୦ଟଙ୍କା ଋଣ ନେଇଛନ୍ତି ଓ ଉକ୍ତ ବ୍ୟବସାୟକ କାର୍ଯ୍ୟରେ ଲଗାଇ ସଭ୍ୟମାନଙ୍କର ଅର୍ଥନୈତିକ ଶକ୍ତି ଦୃଢକରି ପାରିଛନ୍ତି । ଏହି ଗୋଷ୍ଠୀର ସଭାନେତ୍ରୀ ଶ୍ରୀମତୀ ପଙ୍କଜିନୀ ସେଠୀ ଏବଂ ସଂପାଦିକା ଶ୍ରୀମତୀ ରମଣୀ ବାରିକଙ୍କର ନେତୃତ୍ୱରେ ଗୋଷ୍ଠୀଟି ବର୍ତ୍ତମାନ ଉନ୍ନତି ପଥରଯାତ୍ରୀ ।



ସିନ୍ଧୁକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ମୂର୍ତ୍ତି ଓ ଘର ସଜାଇବା ଉପକରଣ ।

## ଆର୍ଟିସାନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

କେନ୍ଦ୍ର ସମବାୟ ବ୍ୟାଙ୍କର ବାଲିଆପାଳ ଶାଖାର କର୍ମକର୍ତ୍ତାଙ୍କ ପ୍ରେରଣାରେ ପାରୁଳିଆ କ୍ଲବଠାରେ ଦଶଜଣ ମହିଳା ମିଶି ଏକ ଗ୍ରୁପ ଗଠନ କରିବାକୁ ସ୍ଥିର କରନ୍ତି । ୨୦୦୧ ମସିହାରେ ଫେବୃୟାରୀରେ ଗଠିତ ଏହି ଗ୍ରୁପର ନାମକରଣ ହୁଏ ଆର୍ଟିଶାନ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ । ଏହି ଗୋଷ୍ଠୀର ମହିଳାମାନେ ମାସିକ ୩୦୦ ଲେଖାଏଁ ଟଙ୍କା ସଂଚୟ କରନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଗ୍ରୁପ୍ ୧୩,୮୪୨ ଟଙ୍କା ଜମା କରିପାରିଛି । ଏହି ଗ୍ରୁପ ୩ କିସ୍ତିରେ ଋଣ ନେଇ ସାରିଲାଣି ଓ ପ୍ରତ୍ୟେକ ଋଣ ନେଇ ସେମାନେ ସବାଇଘାସରୁ ବିଭିନ୍ନ ପ୍ରକାର ଘରକରଣା ଜିନିଷ ପ୍ରସ୍ତୁତ କରି ବିକ୍ରୀ କରିବାରେ ଲଗାଇଥାନ୍ତି । ପ୍ରଥମ କିସ୍ତିରେ ନେଇଥିବା ୬,୦୦୦ଟଙ୍କାର କଞ୍ଚାମାଲ ବିନିଯୋଗ କରି ସବାଇ ଘାସରୁ ପ୍ରସ୍ତୁତ ବିଭିନ୍ନ ଘରୋଇ ଉପକରଣ ଜିନିଷ ବିକ୍ରୀକରି ସେମାନେ ୫,୦୦୦ଟଙ୍କାର ଲାଭ ପାଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଟ.୧୫,୦୦୦ କଞ୍ଚାମାଲ ବିନିଯୋଗ କରି ସେଥିରୁ ୧୪,୦୦୦ଟଙ୍କାର ଲାଭ ପାଇପାରିଥିଲେ । ବର୍ତ୍ତମାନ ସେମାନେ ୨୦,୦୦୦ଟଙ୍କା ଋଣ ନେଇ ସବାଇଘାସରୁ ବିଭିନ୍ନ ପ୍ରକାର ଗୃହସାମଗ୍ରୀ ପ୍ରସ୍ତୁତିରେ ଲାଗିଛନ୍ତି । ଆର୍ଟିସାନ ମହିଳା ଗୋଷ୍ଠୀର ସଦସ୍ୟାମାନେ କେବଳ ଏସବୁ ଜିନିଷ ପ୍ରସ୍ତୁତ କରି ବିକ୍ରୀ କରନ୍ତି ତାନୁହେଁ ସେମାନେ ଆବଶ୍ୟକ ସ୍ଥଳେ ବିଭିନ୍ନ ଗୋଷ୍ଠୀଙ୍କୁ ଟ୍ରେନିଂ ମଧ୍ୟ ଦେଇଥାନ୍ତି । ବର୍ତ୍ତମାନ, ଏହାର ସଭାପତି ଭାବେ ଆରତୀ ପାତ୍ର ଓ ନିରୂପମା ପାତ୍ର ସଂପାଦିକା ଦାୟିତ୍ୱରେ ଅଛନ୍ତି । ଏହି ଗ୍ରୁପର ମହିଳାମାନଙ୍କ ପାରସ୍ପରିକ ବୁଝାମଣା ଅତ୍ୟନ୍ତ ଉଚ୍ଚକୋଟୀର ।



ଆର୍ଟିଶାନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସବାଇ ଘାସରୁ ପ୍ରସ୍ତୁତ ସାମଗ୍ରୀ ।

# ଜାଗୃତି

## ସ୍ୱୟଂ ସହାୟକ ଗୋଷ୍ଠୀର ସଫଳ କାହାଣୀ

### ଅଦ୍ୟାଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ :

ସନ୍ତୋଷ ପୁର ସେବା ସମବାୟ ସମିତି , ବସ୍ତା ଓ ବାଲେଶ୍ୱର ଶିକ୍ଷା କ୍ଷେତ୍ର ପରିଯୋଜନା ଆନୁକୁଲ୍ୟରେ ଭେଲୋରା ଠାରେ ୧୨ଜଣ ମହିଳାଙ୍କୁ ନେଇ ତା୨୫.୦୭.୦୪ରଖରେ ଆଦ୍ୟାଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଥିଲା । ଏହି ଗୋଷ୍ଠୀର ୧୨ଜଣ ସଭ୍ୟାଙ୍କ ମଧ୍ୟରୁ ୧୧ ଜଣ ସଭ୍ୟା ଆର୍ଥିକ ଦୁର୍ବଳ ଶ୍ରେଣୀର ଅଟନ୍ତି । ଶ୍ରୀମତି ମଂଜୁଲତା ବେହେରା ଓ ଶ୍ରୀମତି ସାବିତ୍ରୀ ପାତ୍ର ଯଥା କ୍ରମେ ସଭାପତି ଓ ସଂପାଦକ ଦାୟିତ୍ୱରେ ଅଛନ୍ତି । ଏହି ଗୋଷ୍ଠୀର ମହିଳା ମାନେ ସାପ୍ତାହିକ ଟ.୧୨୦ଙ୍କା ହିସାବରେ ସଂଚୟ କରନ୍ତି । ବର୍ତ୍ତମାନ ଏହି ଗୋଷ୍ଠୀ ର ସଂଚୟ ଟ.୭୭,୭୩୮ଙ୍କା ରେ ପହଂଚିପାରିଛି । ପ୍ରଥମ କିସ୍ତିରେ ବ୍ୟାଙ୍କରୁ ୬୦୦୦ଟଙ୍କା ଋଣ ନେଇ ଧାନ ଚାଷରେ ବିନିଯୋଗକରି ଦୁଇ ଗୁଣ ଲାଭ କରିପାରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାଙ୍କରୁ ୨୦,୦୦୦ଟଙ୍କା ଋଣ ନେଇ ଶାଳ ପତ୍ର ଦୋନା ତିଆରୀ ବ୍ୟବସାୟରେ ବିନିଯୋଗ କରି ୩,୫୦୦ଟଙ୍କା ଲାଭ କରିଥିଲେ । ତୃତୀୟ କିସ୍ତିରେ ଟ୨୭,୦୦୦ଙ୍କା ନେଇ ସେମାନେ ୧୦ଗୋଟି ଦୋନା ତିଆରି ମେସିନ୍ ସ୍ଥାପନ କରି ଅଧିକ ମାତ୍ରାରେ ଉତ୍ପାଦନ କରିବା ସଂଗେ ସଂଗେ ସ୍ଥାନୀୟ ବଜାର ତଥା ବଡ଼ ସହରକୁ ମଧ୍ୟ ରପ୍ତାନୀ କରିପାରୁଛନ୍ତି । ଏହାର ପ୍ରତ୍ୟେକ ସଭ୍ୟ ଗୋଷ୍ଠୀରୁ ଦୈନିକ ୭୦-୮୦ ଟଙ୍କା ଆୟ କରିପାରୁଛନ୍ତି । ଏତଦ୍‌ବ୍ୟତିତ ଏହି ଗୋଷ୍ଠୀ ଗ୍ରାମର ରାସ୍ତା ମରାମତି କାର୍ଯ୍ୟ ହାତକୁ ନେଇ ସଫଳ ଭାବରେ ତୁଲାଇ ପାରିଛନ୍ତି ।



ଆଦ୍ୟାଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପତ୍ରଦୋନା ଓ ଥାଳୀ ।

### ମା ଗୋଷ୍ଟେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ :

ସଦର ବ୍ଲକର ଛାନୁଆ ଗ୍ରାମରେ ୧୬ ଜଣ ମହିଳା ମାନଙ୍କୁ ନେଇ ୨୭.୦୨.୨୦୦୫ ମସିହା ଏକ ଗୋଷ୍ଠୀ ଗଠନ କରାଯାଇଥିଲା । ଗୋଷ୍ଠୀର ସଫଳ ପରିଚାଳନା ନିମନ୍ତେ ସର୍ବସମ୍ମତି କ୍ରମେ କମଳିନୀ ମାଝୀ, ସଭାପତି ଓ ପାର୍ବତି ପାତ୍ର ସଂପାଦିକା ରୂପେ ମନୋନୀତ ହୋଇଥିଲେ । ଗୋଷ୍ଠୀର ସଭ୍ୟାମାନେ ପ୍ରତ୍ୟେକ ୫୦ଟଙ୍କା ଲେଖାଏଁ ସଂଚୟ କରନ୍ତି । ଗୋଷ୍ଠୀର ମହିଳାମାନେ ନିଜର ଅର୍ଥନୈତିକ ବିକାଶ ପାଇଁ କଳା ଓ ଧଳାଫିନାଇଲ୍ ତିଆରି କରିବା କାମ ହାତକୁ ନେଇଥିଲେ । ଫିନାଇଲ୍ ତିଆରି ପାଇଁ ପ୍ରଥମ କିସ୍ତିରେ ବ୍ୟାଙ୍କରୁ ୨୦,୦୦୦ଟଙ୍କା ଋଣ ଆଣି ୭,୮୪୩ଟଙ୍କା ଲାଭ କରିପାରିଥିଲେ । ଦ୍ୱିତୀୟ କିସ୍ତିରେ ବ୍ୟାଙ୍କରୁ ୪୦,୦୦୦ଟଙ୍କା ଋଣ ଆଣି ସେହି ବ୍ୟବସାୟରେ ବିନିଯୋଗ କରି ୬,୪୦୦ ଟଙ୍କା ଲାଭ ପାଇଛନ୍ତି । ବର୍ତ୍ତମାନ ଏହି ଗୋଷ୍ଠୀ ଫିନାଇଲ୍ ତିଆରୀ ଓ ବିକ୍ରୀ ବ୍ୟବସାୟ ପାଇଁ ବ୍ୟାଙ୍କରୁ ଋଣ ନେବା ସଂଗେ ସଂଗେ ଗ୍ରାମର ପୋଖରୀକୁ ନିଲାମ ମାଧ୍ୟମରେ ନେଇ ମଧୁରଜଳ ଚିଙ୍ଗୁଡି ଚାଷ କରିବା ପାଇଁ ଯୋଜନା କରୁଛନ୍ତି । ଗୋଷ୍ଠୀ ଗଠନ ହେବା ଦିନଠାରୁ ଗୋଷ୍ଠୀର ସଭ୍ୟମାନଙ୍କର ଆର୍ଥିକ ଉନ୍ନତି ହୋଇପାରିଛି ବୋଲି ସେମାନେ ସ୍ୱୀକାର କରନ୍ତି ।




ଗୋଷ୍ଟେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଫିନାଇଲ ପ୍ରସ୍ତୁତ ।

### ମା ଭବାନୀଶଂକର ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ :

ବସ୍ତା ବ୍ଲକର ଗହ୍ଳାକୁଣ୍ଡୀ ଗ୍ରାମର ମା ଭବାନୀ ଶଙ୍କର ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଅନ୍ୟ ଯେକୌଣସି ଗୋଷ୍ଠୀ ନିମନ୍ତେ ଏକ ଆଦର୍ଶ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଗୋଷ୍ଠୀଟି ୨୦୦୪ ମସିହା ମାର୍ଚ୍ଚ ମାସରେ ୧୧ ଜଣ ସଦସ୍ୟଙ୍କୁ ନେଇ ଗଠିତ ହୋଇଥିଲା ଏହି ଗୋଷ୍ଠୀର ୯ଜଣ ସଦସ୍ୟ ଦାରିଦ୍ର ସୀମାରେଖା ତଳେ ଥିଲେ । ଗୋଷ୍ଠୀ ଗଠନ କରିବା ପରେ ସେମାନଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇଛି ବୋଲି ସେମାନେ କହନ୍ତି । ଏହି ଗୋଷ୍ଠୀର ସଦ ସ୍ୟାମାନେ ସମ୍ମିଳିତ ଭାବେ ମିଳିମିଶି ଛୋଟ ଧରଣର ବ୍ୟବସାୟ ହାତକୁ ନେବାକୁ ନିଷ୍ପତ୍ତି ନେଇଥିଲେ ଓ ସେହି ନିଷ୍ପତ୍ତି ଅନୁଯାୟୀ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବସ୍ତା ଶାଖାରୁ ୭,୦୦୦ଟଙ୍କା ଋଣ ନେଇ ମିକ୍ସଚର ତିଆରି ବ୍ୟବସାୟ କରିଥିଲେ । ଏହି ମିକ୍ସଚର ବ୍ୟବସାୟ ଦ୍ୱାରା ପ୍ରଥମ ଥର ପ୍ରାୟ ୧,୫୦୦ଟଙ୍କା ଲାଭ ପାଇପାରିଥିଲେ । ଦ୍ୱିତୀୟ ଥର ୩୦,୦୦୦ଟଙ୍କା ଋଣ ଉଠାଇ ଏହି ଗୋଷ୍ଠୀର ମହିଳା ମାନେ ଏକ ପୁରୁଣା ପୋଖରୀ ଉଦ୍ଧାର କରି ସେଥିରେ ମାଛ ଚାଷ କରିଥିଲେ । ଏହି ୩୦,୦୦୦ ଟଙ୍କାରୁ ସେମାନେ ପ୍ରାୟ ୨,୫୦୦ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିଥିଲେ । ତୃତୀୟ କିସ୍ତିରେ ସେମାନେ ଗ.ଐ.ଗ.ଢ ଋଣ ପାଇବାରେ ବିବେଚିତ ହୋଇଥିଲେ । ଏହି ଟଙ୍କା ମଧ୍ୟ ସେମାନେ ମାଛ ଚାଷ କରିବାରେ ହିଁ ଲଗାଇ ଥିଲେ । ବର୍ତ୍ତମାନ ଏହି ଗୋଷ୍ଠୀ ପନିପରିବାଚାଷ ଓ ମାଛଚାଷ ବ୍ୟବସାୟ କରୁଛନ୍ତି । ନିଜର ସାମୁହିକ ପ୍ରଗତି ଓ ଏକତାର ପ୍ରଦର୍ଶନ ପାଇଁ ଏହି ଗୋଷ୍ଠୀ ସଦସ୍ୟମାନେ ଯେକୌଣସି ସଭାସମିତି ଗଲେ ଏକ ରଙ୍ଗର ଶାଢୀ ପିନ୍ଧିଥାନ୍ତି ।



ଭବାନୀ ଶଙ୍କର ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମାଛ ତଥା ପନିପରିବା ଚାଷ ।



## ବିଶ୍ୱ ମହିଳା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଘୋଷଣା

ଗତ ୮.୩.୨୦୦୭ରିଖ ଭୁବନେଶ୍ୱରଠାରେ ବିଶ୍ୱ ମହିଳା ଦିବସ ଅବସରରେ ଆୟୋଜିତ ଉତ୍ସବରେ ସମାଜର ତଳ ସ୍ତରରେ ଥିବା ମହିଳା ମାନଙ୍କର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ।

ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବାକୁଯାଇ ମହିଳା ମାନଙ୍କୁ ସଶକ୍ତି କରଣ କରିବା ପାଇଁ ୨୦୦୧ ମସିହାରେ ପ୍ରତିଷ୍ଠା କରାଯାଇଥିବା ମିଶନ ଶକ୍ତି ଦ୍ୱାରା ଏବେ ୩୭ ଭାଗ ମହିଳା ଏହାର ସୁଫଳ ପାଇପାରୁଛନ୍ତି। ମୁଖ୍ୟମନ୍ତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପ୍ରତି ବ୍ୟାଙ୍କମାନଙ୍କର ସହଯୋଗକୁ ପ୍ରଶଂସା କରିଥିଲେ ଏବଂ ପ୍ରତି ବ୍ଲକ୍ ସ୍ତରରେ ସପ୍ତାହର ମଙ୍ଗଳବାର ଦିନକୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଉଦ୍ଦିଷ୍ଟ ରଖିବାକୁ ଘୋଷଣା କରିଥିଲେ । ଏହା ସହିତ ମହିଳା ସ୍ୱୟଂ ସାହଯକ ଗୋଷ୍ଠୀର ସଭ୍ୟାଙ୍କ କାର୍ଯ୍ୟ ଦକ୍ଷତାର ମାନବୃଦ୍ଧି ପାଇଁ ରାଜ୍ୟସ୍ତରରେ ଏକ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଥିଲେ ।

ଏହି ଉତ୍ସବରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଲେଯେ ମିଶନ ଶକ୍ତି ମହିଳା ମାନଙ୍କ ମଧ୍ୟରେ ଏକ ନୂତନ ଜାଗରଣ ସୃଷ୍ଟିକରି ନିଶବ୍ଦ ମହିଳା ମାନଙ୍କ ମୁହଁରେ ଶବ୍ଦ ଫୁଟାଇ ପାରିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟକ୍ରମରେ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଥିବା ବ୍ୟାଙ୍କ ଗୁଡ଼ିକୁ ପୁରସ୍କୃତ କରିଥିଲେ । ଏହି ଉତ୍ସବରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ଅଜିତ୍ ତ୍ରିପାଠୀ, ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବ ଡ଼ଃ ମୋନା ଶର୍ମା, ରାଜ୍ୟ ମିଶନ ଶକ୍ତି ନିର୍ଦ୍ଦେଶିକା ଶ୍ରୀମତୀ ଉଷା ପାଢ଼ୀ, ଏବଂ ରାଜ୍ୟ ମହିଳା କମିସନର ଉପାଧ୍ୟକ୍ଷ ଶ୍ରୀମତୀ ନମିତା ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

## ବଙ୍ଗଳାଦେଶ ଗ୍ରାମୀଣ ବ୍ୟାଙ୍କ ଓ ପ୍ରଚଳିତ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା : ଏକ ପର୍ଯ୍ୟାଲୋଚନା ।

**ଡକ୍ଟର ମହମ୍ମଦ ୟୁନୁସ**
ପ୍ରତିଷ୍ଠାତା, ବଙ୍ଗଳାଦେଶ ଗ୍ରାମୀଣ ବ୍ୟାଙ୍କ ଓ ନୋବେଲ ପୁରସ୍କାର ବିଜେତା



ଗ୍ରାମୀଣ ବ୍ୟାଙ୍କର କାର୍ଯ୍ୟଧାରା ସାଧାରଣ ବ୍ୟାଙ୍କ ଗୁଡିକର କାର୍ଯ୍ୟଧାରା ଠାରୁ ଭିନ୍ନ ତଥା ବିପରୀତ କହିଲେ ଚଳେ । 'ତେଲିଆ ମୁଣ୍ଡରେ ତେଲ' ନୀତି ଉପରେ ପର୍ଯ୍ୟବେସିତ ପ୍ରଚଳିତ ବ୍ୟାଙ୍କ (conventional) ଗୁଡିକ ସେଇ ମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନଙ୍କ ପାଖରେ ସମ୍ବଳ ଅଛି ଓ ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ଆପାତତଃ ସ୍ୱଚ୍ଛଳ । ଅନ୍ୟଭାଷାରେ କହିଲେ, ଯାହା ପାଖରେ ସମ୍ବଳ ନାହିଁ ତାପାଇଁ ଏହି ବ୍ୟାଙ୍କମାନଙ୍କରେ କିଛି ସୁବିଧା ନାହିଁ କହିଲେ ଚଳେ । ଅର୍ଥାତ୍ ତୁମ ପାଖରେ ଯଦି ସମ୍ବଳ କମ୍ କିମ୍ବା ଆଦୌ ନାହିଁ, ତୁମେ ବ୍ୟାଙ୍କରୁ କିଛି ହିଁ ପାଇବନାହିଁ । ଫଳତଃ, ସାରା ବିଶ୍ୱର ଲୋକ ସଂଖ୍ୟାର ଅର୍ଦ୍ଧେକରୁ ଅଧିକ ସାଧାରଣ ବ୍ୟାଙ୍କ ସେବାରୁ ସଂପୂର୍ଣ ରୂପେ ବଞ୍ଚିତ । ଚିରାଚରିତବ୍ୟାଙ୍କଗୁଡିକ ସଂପତ୍ତି ଭିତ୍ତିକ (Based on collateral Security) ହୋଇଥିଲାବେଳେ ଗ୍ରାମୀଣ ବ୍ୟାଙ୍କ ଏହି ବିଚାରଧାରାରୁ ସଂପୂର୍ଣ ମୁକ୍ତ ।

ଋଣପାଇବାପାଇଁ ଯୋଗ୍ୟ ବିବେଚିତ ହେବା ପ୍ରତ୍ୟେକ ମଣିଷର ଅଧିକାର ହେବା ଉଚିତ ବୋଲି ଗ୍ରାମୀଣ ବ୍ୟାଙ୍କ ବିଚାରକରିଥାଏ । ଏହାକୁ କାର୍ଯ୍ୟକାରୀ କରିବାପାଇଁ ଏଭଳି ଏକ ବ୍ୟବସ୍ଥାର ପ୍ରଚଳନ କରିଥାଏ ଯେଉଁଥିରେ କି ଆଦୌ ସମ୍ପତ୍ତିନଥିବା ବ୍ୟକ୍ତି ଋଣ ପାଇବାରେ ସର୍ବୋଚ୍ଚ ପ୍ରାଧିକାର ରହିଥାଏ । ଜଣେ ବ୍ୟକ୍ତିର ସମ୍ପତ୍ତିର ମୂଲ୍ୟାୟନ କରିବା ପରିବର୍ତ୍ତେ ଗ୍ରାମୀଣବ୍ୟାଙ୍କ ସେହି ବ୍ୟକ୍ତିର ଅନ୍ତର୍ନିହିତ ଶକ୍ତିର ମୂଲ୍ୟାୟନ କରିଥାଏ । ଦରିଦ୍ରତମବ୍ୟକ୍ତି ମାନଙ୍କ ସମେତ ସମସ୍ତ ବ୍ୟକ୍ତିଙ୍କ ପାଖରେ ଏହି ଶକ୍ତି ପ୍ରଚ୍ଛନ୍ନ ଭାବରେ ରହିଛି ବୋଲି ଗ୍ରାମୀଣ ବ୍ୟାଙ୍କ ବିଚାର କରିଥାଏ ।

ଜଣେ ବ୍ୟକ୍ତି କେତେ ପରିମାଣର ସମ୍ପତ୍ତିଧାରୀ ଅଟନ୍ତି , ସାଧାରଣ ବ୍ୟାଙ୍କ ତାକୁହିଁ ପ୍ରଥମେ ଦେଖିଥାଏ । ମାତ୍ର ଜଣେ ବ୍ୟକ୍ତି ଉପଯୁକ୍ତ ସୁଯୋଗ ପାଇଲେ କଣ କରିପାରିବ, ଗ୍ରାମୀଣବ୍ୟାଙ୍କ ତାହା ହିଁ ବିଚାରକୁ ନେଇଥାଏ ।

ଚିରାଚରିତ ବ୍ୟାଙ୍କ ଗୁଡିକର ମାଲିକାନା ସାଧାରଣତଃ ଧନୀମାନଙ୍କ ହାତରେ, ବିଶେଷକରି ପୁରୁଷମାନଙ୍କ ହାତରେ । ମାତ୍ର ଗ୍ରାମୀଣ ବ୍ୟାଙ୍କର ମାଲିକାନା ଗରିବ ମହିଳାମାନଙ୍କ ହାତରେ ରହିଥାଏ ।

ଅଧିକରୁ ଅଧିକ ଲାଭ କରିବା ଚିରାଚରିତ ବ୍ୟାଙ୍କ ଗୁଡିକର ଏକମାତ୍ର ଲକ୍ଷ୍ୟ ହୋଇଥିଲା ବେଳେ ଗ୍ରାମୀଣ ବ୍ୟାଙ୍କ୍ ଗରିବ ମହିଳାମାନଙ୍କୁ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରି ସେମାନଙ୍କର ଆର୍ଥିକ ଉନ୍ନତିର ରାସ୍ତା ଦେଖାଇଥାଏ । ଏହିପରି ଭାବରେ ସାମାଜିକ ତଥା ଆର୍ଥିକ ବିକାଶକୁ ଆଖି ଆଗରେ ରଖି ଗ୍ରାମୀଣ ବ୍ୟାଙ୍କ୍ ବହୁମୁଖୀ ଲକ୍ଷ୍ୟ ହାସଲ କରାଇବାରେ ସହାୟକ ହୋଇଥାଏ ।

ସାଧାରଣ ବ୍ୟାଙ୍କ ଗୁଡିକ ପୁରୁଷମାନଙ୍କୁ ପ୍ରାଧାନ୍ୟ ଦେଉଥିବାବେଳେ ଗ୍ରାମୀଣବ୍ୟାଙ୍କ ମହିଳା ମାନଙ୍କ ଉପରେ ଗୁରୁତ୍ୱ ଆରୋପ କରିଥାଏ । ଗ୍ରାମୀଣ ବ୍ୟାଙ୍କର ୯୬ ପ୍ରତିଶତ ହିତାଧିକାରୀ ହେଉଛନ୍ତି କେବଳ ମହିଳା । ଗରିବ ମହିଳାମାନଙ୍କୁ ସେମାନଙ୍କ ଦ୍ୱାରା ଅର୍ଜିତ ସମ୍ପତ୍ତିର ମାଲିକାନା ହାସଲ କରିବାରେ ସାହାଯ୍ୟକରି ଗ୍ରାମୀଣ ପରିବାରରେ ସେମାନଙ୍କର ମର୍ଯ୍ୟାଦା ବୃଦ୍ଧି କରାଇଥାଏ । ଏପରିକି ଗ୍ରାମୀଣବ୍ୟାଙ୍କ ଋଣରେ ନିର୍ମିତ ସେମାନଙ୍କର ବାସଗୃହର ମାଲିକାନା କେବଳ ମହିଳା ମାନଙ୍କ ହାତରେ ହିଁ ରହିଥାଏ ।

ଚିରାଚରିତ ବ୍ୟାଙ୍କ ଗୁଡକ ବ୍ୟବସାୟିକ ସ୍ଥାନ ମାନଙ୍କରେ ଗଢିଉଠିଥିବା ବେଳେ ଗ୍ରାମୀଣବ୍ୟାଙ୍କର ଶାଖାଗୁଡିକ କେବଳ ଗ୍ରାମାଞ୍ଚଳରେ ହିଁ ଦେଖିବାକୁ ମିଳିଥାଏ । ଫଳରେ ହିତାଧିକାରୀମାନେ ବ୍ୟାଙ୍କ ପାଖକୁ ଯିବା ପରିବର୍ତ୍ତେ ବ୍ୟାଙ୍କ ସେମାନଙ୍କ ପାଖକୁ ଯାଇଥାଏ ।

# ଜାଗୃତି

ଗ୍ରାମୀଣ ବ୍ୟାଙ୍କରେ କାର୍ଯ୍ୟରତ ମୋଟ ୧୪,୯୮୯ କର୍ମଚାରୀ ବାଂଲାଦେଶର ୫୭,୭୯୧ ଗାଁରେ ବାସକରୁଥିବା ୫.୩୧ ନିୟୁତ ଋଣୀମାନଙ୍କୁ ସେବା ଯୋଗାଇ ଦେବାପାଇଁ ସେମାନଙ୍କ ପାଖରେ ପ୍ରତି ସପ୍ତାହରେ ପହଞ୍ଚୁଥାନ୍ତି । ଗ୍ରାମୀଣ ବ୍ୟାଙ୍କର ଋଣ ପରିଶୋଧ ଯୋଜନା ଗୁଡିକ ମଧ୍ୟ ଅଳ୍ପ ପରିମାଣରେ ସାପ୍ତାହିକ କିସ୍ତି ଅନୁସାରେ କରାଯାଇଥାଏ । ଅବଶ୍ୟ ଏହାଦ୍ୱାରା ବ୍ୟାଙ୍କକୁ ଅଧିକ କାମ କରିବାକୁ ପଡିଥାଏ, ମାତ୍ର ଋଣୀ ମାନଙ୍କ ପାଇଁ ଏହା ଅନେକ ସୁବିଧାଦାୟକ ହୋଇଥାଏ ।

ଗ୍ରାମୀଣବ୍ୟାଙ୍କ ଋଣଗ୍ରହୀତାଙ୍କ ସହିତ କୌଣସି ପ୍ରକାରର ଆଇନ୍‌ଗତ ଚୁକ୍ତିନାମା ସ୍ୱାକ୍ଷରିତ କରିନଥାଏ । ସାଧାରଣ ବ୍ୟାଙ୍କ ବ୍ୟବସ୍ଥାରେ ଅନାଦାୟ ଋଣ ଆଦାୟ ପାଇଁ ବ୍ୟାଙ୍କ ଗୁଡିକ ବିଚାରାଳୟର ଦ୍ୱାରସ୍ଥ ହେଉଥିଲାବେଳେ ଗ୍ରାମୀଣବ୍ୟାଙ୍କ କ୍ଷେତ୍ରରେ ତହା ସ୍ୱପ୍ନ ସଦୃଶ । କୌଣସି ପ୍ରକାରର ବାହ୍ୟ ହସ୍ତକ୍ଷେପ ଗ୍ରାମୀଣବ୍ୟାଙ୍କ ଚିନ୍ତାଧାରାର ସଂପୂର୍ଣ ପରିପନ୍ଥୀ ।

ସାଧାରଣ ବ୍ୟାଙ୍କଗୁଡିକ ଋଣଗ୍ରହୀତାଙ୍କୁ ଚୁକ୍ତିନାମାନୁସାରେ ଋଣପରିଶୋଧ କରିବାରେ ବିଳମ୍ବକଲେ ଖିଲାପି ଋଣୀର ଆଖ୍ୟା ଦେଇ ମାନସିକ ସ୍ତରରେ ଦଣ୍ଡିତ କରିଥାନ୍ତି । ମାତ୍ର ଗ୍ରାମୀଣ ବ୍ୟାଙ୍କ ସେଭଳି ପରିସ୍ଥିତିରେ ଖିଲାପି ଋଣର ପରିଶୋଧ ସମୟ ସୀମା ବୃଦ୍ଧି କରି ଋଣୀଙ୍କୁ ଖିଲାପି ମୁକ୍ତ ହେବାରେ ସାହାଯ୍ୟ କରିଥାଏ ଓ ସେ କୌଣସି ପ୍ରକାରର ଭୁଲ କରିଛି ବୋଲି ତାକୁ ଭାବିବାର ଅବକାଶ ଦେଇନଥାଏ ।

କୌଣସି ଋଣଗ୍ରହୀତା ଅସୁବିଧାବଶତଃ ଋଣ ପରିଶୋଧ କରି ନପାରିଲେ ସାଧାରଣ ବ୍ୟାଙ୍କ ଗୁଡିକ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥାଏ ଓ ସେମାନେ ତାହା ଆଦାୟ କରିବା ପାଇଁ ସେ ବନ୍ଧକ ରଖିଥିବା ସମ୍ପତ୍ତିକୁ ଅକ୍ତିଆର କରିବା ପାଇଁ ଉଦ୍ୟମ କରିଥାନ୍ତି । ମାତ୍ର ସେପରି କ୍ଷେତ୍ରରେ ଗ୍ରାମୀଣ ବ୍ୟାଙ୍କ ଋଣୀମାନଙ୍କୁ ଅକୁଣ୍ଠ ସହଯୋଗ କରି ଅଧିକ ଶ୍ରମ ପୂର୍ବକ ତାର ଅସୁବିଧା ଦୂର କରିବାପାଇଁ ପଦକ୍ଷେପମାନ ନେଇ ତାକୁ ପୁନଶ୍ଚ ଆର୍ଥିକ ଦୃଷ୍ଟିରୁ ସକ୍ଷମ କରିବାପାଇଁ ଚେଷ୍ଟା କରିଥାଏ ।

ପ୍ରଚଳିତ ବ୍ୟାଙ୍କ ବ୍ୟବସ୍ଥାରେ ବିଶେଷ ପରିସ୍ଥିତି ବ୍ୟତୀତ କୌଣସି ଖିଲାପି ଋଣୀକୁ ସୁଧରେ ରିହାତି ଦିଆଯାଇନଥାଏ । ଫଳତଃ ଋଣ ପରିଶୋଧ କରିବାରେ ଅହେତୁକ ବିଳମ୍ବ ହେଲେ ସୁଧର ପରିମାଣ ମୂଳକୁ ( ଅସଲକୁ) ମଧ୍ୟ ବଳିଯାଇପାରେ ମାତ୍ର ଗ୍ରାମୀଣ ବ୍ୟାଙ୍କ କ୍ଷେତ୍ରରେ ଜଣେ ଋଣୀ ଋଣ ପରିଶୋଧ କରିବାପାଇଁ ଯେତେ ଅଧିକଦିନ ସମୟ ନେଲେ ମଧ୍ୟ କୌଣସି ପରିସ୍ଥିତିରେ ସୁଧର ପରିମାଣ ମୂଳକୁ ଟପିଯାଇ ପାରେନା । ସୁଧର ପରିମାଣ ମୂଳ ସହ ସମାନ ହୋଇଯିବା ମାତ୍ରେ କୌଣସି ପ୍ରକାରର ଋଣ ଉପରେ ଆଉ ସୁଧ ହିସାବ କରାଯାଇ ନଥାଏ ।

ଋଣ ନେବା ପରେ ଜଣେ ଋଣୀର କଣ ହେଉଛି ବା ନହେଉଛି ସେଥିରେ ଅନ୍ୟାନ୍ୟ ବ୍ୟାଙ୍କଗୁଡିକ ଦୃଷ୍ଟି ଦେଇନଥାଏ । ମାତ୍ର ଗ୍ରାମୀଣବ୍ୟାଙ୍କ ତାର ପ୍ରତ୍ୟେକ ଋଣୀମାନଙ୍କ ପରିବାରର ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା, ବାସଗୃହ ତଥା ପାନୀୟ ଜଳର ସୁବ୍ୟବସ୍ଥା ପ୍ରଭୃତି ବିଷୟଗୁଡିକ ଉପରେ ନଜର ରଖିଥାଏ ଏବଂ ନିୟମିତ ଭାବରେ ବିଦ୍ୟାର୍ଥୀମାନଙ୍କୁ ଛାତ୍ରବୃତ୍ତି ଓ ଋଣ ମଧ୍ୟ ଯୋଗାଇ ଦେଇଥାଏ । ଏପରିକି ଆପଦକାଳୀନ ପରିସ୍ଥିତି କିମ୍ବା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାପାଇଁ ମଧ୍ୟ ସେମାନଙ୍କ ପଛରେ ଗ୍ରାମୀଣବ୍ୟାଙ୍କ ଠିଆ ହୋଇଥାଏ । କେବଳ ଏତିକି ନୁହେଁ -ସେମାନଙ୍କର ପେନସନ୍ ପାଣ୍ଠି ଓ ସଂଚୟ ଜମାରାଶି କ୍ଷେତ୍ରରେ ଗ୍ରାମୀଣ ବ୍ୟାଙ୍କ ସେମାନଙ୍କୁ ସାହାଯ୍ୟ କରିଥାଏ ।

ଅନ୍ୟାନ୍ୟ ବ୍ୟାଙ୍କ ଗୁଡିକ କ୍ଷେତ୍ରରେ ସାଧାରଣତଃ ପ୍ରତି ତିନିମାସରେ ସୁଧ ହିସାବ ଚକ୍ରବୃଦ୍ଧି ହାରରେ କରାଯାଉଥିବାବେଳେ ଗ୍ରାମୀଣ ବ୍ୟାଙ୍କ୍ ସର୍ବଦା ସରଳ ସୁଧ ହିଁ ହିସାବ କରିଥାଏ ।

ଜଣେ ଋଣୀର କୌଣସି କାରଣରୁ ମୃତ୍ୟୁ ହୋଇଗଲେ ଗ୍ରାମୀଣବ୍ୟାଙ୍କ ମୃତ ବ୍ୟକ୍ତିର ପରିବାରଠାରୁ ବକେୟା ଋଣ ଆଦାୟ କରିନଥାଏ । ବାକିଥିବା ଋଣ ସୁଧ ସହ ବୀମା କମ୍ପାନୀ ଭରଣ କରିଥାଏ । ଋଣୀର ପରିବାରକୁ କୌଣସି ଦେୟ ଦେବାକୁ ପଡିନଥାଏ ।

ଏପରିକି ଗ୍ରାମୀଣ ବ୍ୟାଙ୍କ ଜଣେ ଭିକାରୀକୁ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦେଇଥାଏ । ବ୍ୟାଙ୍କର ହିତାଧିକାରୀ ଯୋଜନାରେ ତାକୁ ସାମିଲ କରାଇ ଭିକ୍ଷାବୃତ୍ତି ସହ ଛୋଟ ଛୋଟ ଜିନିଷ ବୁଲି ବୁଲି ବିକିବା ପାଇଁ ତାକୁ ସାହାଯ୍ୟ କରିବା ଦିଗରେ ଗ୍ରାମୀଣ ବ୍ୟାଙ୍କ ପଦକ୍ଷେପ ନେଇଥାଏ । ଫଳରେ ତାକୁ ସମ୍ମାନଜନକ ଭାବରେ ବଞ୍ଚିବାପାଇଁ ରାସ୍ତା ଦେଖାଇବାରେ ଗ୍ରାମୀଣ ବ୍ୟାଙ୍କ ପଥପ୍ରଦର୍ଶକ ହୋଇପାରିବା ସହ ସମୟ କ୍ରମେ ଭିକ୍ଷାବୃତ୍ତି ପରିତ୍ୟାଗ କରି ଆତ୍ମସମ୍ମାନର ସହ ବଞ୍ଚିବାପାଇଁ ଗ୍ରାମୀଣ ବ୍ୟାଙ୍କ ତାକୁ ରାସ୍ତା ଦେଖାଇଥାଏ । ଅନ୍ୟାନ୍ୟ କୌଣସି ବ୍ୟାଙ୍କମାନଙ୍କରେ ଏହା ହୋଇ ନଥାଏ ।

ସାମାଜିକ, ଶିକ୍ଷାଗତ ଓ ସ୍ୱାସ୍ଥ୍ୟଗତ ପ୍ରଭୃତି କେତେକ ମହାନ ଲକ୍ଷ୍ୟକୁ ଆଖିଆଗରେ ରଖି ଗ୍ରାମୀଣବ୍ୟାଙ୍କ ତାର ଋଣୀମାନଙ୍କୁ ସେ ଦିଗରେ ନିଷ୍ଠାର ସହ କାର୍ଯ୍ୟକରିବାକୁ ଉତ୍ସାହିତ କରିଥାଏ । ଏଗୁଡିକ ଷୋହଳ ନିଷ୍ପତ୍ତି (ଯଥା- ଯୌତୁକ ବିହୀନ ବିବାହ, ଶିଶୁମାନଙ୍କର ଶିକ୍ଷା, ପରିମଳ ବ୍ୟବସ୍ଥାରେ ଉନ୍ନତି , ବୃକ୍ଷରୋପଣ, ପାନୀୟଜଳର ସୁବିଧା, ପିଲାମାନଙ୍କର ଅନ୍ଧାରକଣା ରୋଗକୁ ପ୍ରତିହତ କରିବାପାଇଁ ପନିପରିବା ଖାଇବା ଉପରେ ଗୁରୁତ୍ୱ ପ୍ରଭୃତି) କୁହାଯାଇଥାଏ । ମାତ୍ର ଏହା ପ୍ରଚଳିତ ବ୍ୟାଙ୍କମାନଙ୍କ ବ୍ୟବସାୟ ସମ୍ବନ୍ଧୀୟ ନଥାଏ ।

ଗାମୀଣବ୍ୟାଙ୍କ ଗରିବମାନଙ୍କୁ ମାନବ ବୋନ୍‌ସାଇ ବୋଲି ଭାବିଥାଏ । ଏକ ବିଶାଳବୃକ୍ଷର ଏକ ସୁସ୍ଥ ବୀଜକୁ ଯଦି ମାଟିରେ ନଲଗାଯାଇ ଗୋଟିଏ ଫୁଲକୁଣ୍ଡରେ ଲଗାଯାଏ ସେଥିରୁ ବିଶାଳବୃକ୍ଷଟିଏ ଜନ୍ମିପାରିବ ନାହିଁ । ଯାହାହେବ ତାହା ସେହି ବିଶାଳ ବୃକ୍ଷର କ୍ଷୁଦ୍ର ସଂସ୍କରଣଟିଏ ମାତ୍ର । ଏହାର ଅର୍ଥ ନୁହେଁ ତ୍ରୁଟି ରହିଗଲା ବୀଜ ପାଖରେ । ବରଂ ଉପଯୁକ୍ତ ପାରିପାର୍ଶ୍ୱିକ ଅବସ୍ଥାର ଅଭାବରୁ ବୀଜଟି ପୂର୍ଣରୂପେ ବିକଶିତ ହୋଇପାରିଲାନାହିଁ ବୋଲି ବୁଝିବାକୁ ହେବ । ଦାରିଦ୍ର୍ୟ କ୍ଷେତ୍ରରେ ମଧ୍ୟ କଥାଟି ସେଇଆ । କିଛି ଲୋକ ଦରିଦ୍ର ଏଇଥିପାଇଁ ଯେ ସେମାନଙ୍କର ଉପଯୁକ୍ତ ବିକାଶ ପାଇଁ ଆବଶ୍ୟକୀୟ ସାମାଜିକ ତଥା ଅର୍ଥନୀତିକ ଭିତ୍ତିଭୂମିରୁ ସମାଜ ସେମାନଙ୍କୁ ବଞ୍ଚିତ କରଛି । ସେମାନଙ୍କୁ ମାଟି ପରିବର୍ତ୍ତେ କେବଳମାତ୍ର ଫୁଲକୁଣ୍ଡ ହିଁ ଯୋଗାଇ ଦିଆଯାଇଛି । ଗ୍ରାମୀଣ ବ୍ୟାଙ୍କ ସେମାନଙ୍କୁ ଫୁଲକୁଣ୍ଡରୁ ମାଟି ଉପରକୁ ନେଇ ଆସିବାରେ ସହାୟକ ହୋଇଥାଏ । ଏଥିରେ ଆମେ ସଫଳ ହେଲେ ପୃଥିବୀରେ ମାନବ ବୋନସାଇ ରହିବ ନାହିଁ ଏବଂ ଦାରିଦ୍ରମୁକ୍ତ ହୋଇପାରିବ ଆମ ପୃଥିବୀ ।

* (ଗ୍ରାମୀଣ ବ୍ୟାଙ୍କ କହିଲେ ବଙ୍ଗଳାଦେଶର ଗ୍ରାମଣୀ ବ୍ୟାଙ୍କକୁ ବୁଝିବାକୁ ଅନୁରୋଧ ।)

**ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.**

# ଜାଗୃତି

## ନିଜ ମୁହଁରେ ନିଜେ

ନିଜ କଥା ନିଜ ଭିତରେ ଆତ୍ମଶକ୍ତି ସୃଷ୍ଟି କରେ । ଗୋଟିଏ ବ୍ୟକ୍ତିର ବଳିଷ୍ଠ ଆତ୍ମଶକ୍ତି ତାର ସମୃଦ୍ଧି ଓ ପ୍ରଗତିର ପଥ ପରିଷ୍କାର କରିଥାଏ । ସେମିତି ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଶ୍ରୀମତୀ ଶାନ୍ତିଲତା ବିଶ୍ୱାଳ ନିଜ ମୁହଁରେ ନିଜେ ସ୍ୱୀକାର କରନ୍ତି ଯେ ତାଙ୍କ ଗୋଷ୍ଠୀ ନିଜସ୍ୱ ଆତ୍ମଶକ୍ତି ବଳରେ ନିଜ ସମୃଦ୍ଧିର କାରଣ ହୋଇ ଭବିଷ୍ୟତି ରେ ଇତିହାସ ସୃଷ୍ଟି କରିବ । ଏକ ଅଳସ ଅପରାହ୍ନରେ ଜାଗୃତି ପରିବାରରୁ ଶ୍ରୀ କଳିଙ୍ଗ ମହାପାତ୍ର , ଶ୍ରୀ ପ୍ରଶାନ୍ତ ଦାସ ଓ ଇନ୍ଦୁରେଖା ପଣ୍ଡା ପହଂଚିଲେ ତାଙ୍କଠି ଏବଂ ତାଙ୍କ ଦ୍ୱାରା ଗଠିତ 'ମା କାଳିକା ସ୍ୱୟଂ ସହାୟକ ଗୋଷ୍ଠୀ' ବିଷୟରେ ଜାଣିବାକୁ ଚାହିଁଲେ । ସୁନ୍ଦର ଶ୍ୟାମଳ କାଜୁ ଓ ଝାଉଁବଣ ଭିତରେ ସେ ନିଜ କଥା କହୁଥିଲେ ନିଜେ ତାଙ୍କ ଗୋଷ୍ଠୀ ସଦସ୍ୟଙ୍କ ସହ :

ପ୍ରଶ୍ନ - ଆପଣ କେବେ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କଲେ ?
ଉତ୍ତର -୨୦୦୧ ମସିହା ଜାନୁୟାରୀ ମାସ

ପ୍ରଶ୍ନ - ଆପଣ କାହିଁକି ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କଲେ ?
ଉତ୍ତର - ନିଜ କୁ ନିଜେ ଆତ୍ମନିର୍ଭରଶୀଳ ହେବା ପାଇଁ ଏବଂ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ କରିବା ପାଇଁ ।

ପ୍ରଶ୍ନ - ଆପଣଙ୍କୁ ଆପଣଙ୍କ ଗୋଷ୍ଠୀର ସଦସ୍ୟମାନେ ସାହାଯ୍ୟ ସହଯୋଗ କରୁଛନ୍ତି ତ ?
ଉତ୍ତର -ହଁ ! ସମସ୍ତେ ଆନ୍ତରିକ ସହଯୋଗ କରୁଛନ୍ତି ।

ପ୍ରଶ୍ନ - ଆପଣ ସାପ୍ତାହିକ ଗୋଷ୍ଠୀ ବୈଠକ ଡାକୁଛନ୍ତି ତ ?
ଉତ୍ତର - ନା ତା ହୋଇପାରୁ ନାହିଁ । ଆପଣ ମାନଙ୍କର କିଛି ସହଯୋଗ ଓ ଦୃଷ୍ଟି ରହିଲେ ଆମେ ତାହା କରିପାରିବୁ ।

ପ୍ରଶ୍ନ - ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଆପଣ କିପରି ଆର୍ଥିକ ସ୍ୱଚ୍ଛଳ ହେବେ ।
ଉତ୍ତର - ରୋଜଗାରର ପ୍ରଥମ ପାହାଚ ହେଉଛି ସଂଚୟ ତେଣୁ ଆମେ ପ୍ରତି ମାସ ପ୍ରତ୍ୟେକ ସଭ୍ୟ ୩୦ଟଙ୍କା କରି ଗୋଷ୍ଠୀରେ ସଂଚୟ କରୁ ଏବଂ ଏହି ସମଷ୍ଟିଗତ ଅର୍ଥ କେନ୍ଦ୍ର ସମବାୟ ବ୍ୟାଙ୍କରେ ଜମା ଦେଇଥାଉ । ଏପର୍ଯ୍ୟନ୍ତ ଆମର ଜମା ରାଶି ୮,୬୫୨ଟଙ୍କା ହୋଇପାରିଛି ।

ପ୍ରଶ୍ନ- ଆପଣ ବ୍ୟାଙ୍କରୁ କୌଣସି ସହାୟତା ପାଇପାରିଛନ୍ତି କି ?
ଉତ୍ତର - କେନ୍ଦ୍ର ସମବାୟ ବ୍ୟାଙ୍କରୁ ପ୍ରଥମେ ଆମେ ବଡି, ପାମ୍ପଡ ତିଆରି କରି ବିକ୍ରି କରିବାପାଇଁ ୩୦୦୦ଟଙ୍କା ଋଣ ଆଣି ମାତ୍ର ୭୦୦ଟଙ୍କା ଲାଭ କରିଥିଲୁ । ସରକାରୀ ସାହାଯ୍ୟ ପାଇ ଗୋପାଳନ ଯୋଜନାରେ ବ୍ୟାଙ୍କରୁ ୧,୫୦,୦୦୦ଟଙ୍କା ଋଣ ଆଣି ୮ ଗୋଟି ଗାଇ ପାଳନ କରୁଛୁ ଏବଂ ଦୁଗ୍ଧ ବ୍ୟବସାୟ କରି ଲାଭ ପାଇପାରୁଛୁ ।

ପ୍ରଶ୍ନ-ଗୋପାଳନ କରିବା କାହିଁକି ଆରମ୍ଭ କଲେ ?
ଉତ୍ତର-ଅନ୍ୟ ଅଂଚଳରୁ କ୍ଷୀର ଏହି ଅଞ୍ଚଳକୁ ସୁବିଧାରେ ଆସିପାରେ ନାହିଁ ତେଣୁ ଏହି ଅଞ୍ଚଳରେ କ୍ଷୀରର ଅଭାବକୁ ମେଣ୍ଟାଇବା ପାଇଁ ଗୋପାଳନ ଏକ ଲାଭଜନକ ବ୍ୟବସାୟ ବୋଲି ହୃଦବୋଧ କରି ସାରିବା ପରେ ଆମେ ଗୋପାଳନ କଲୁ ।

ପ୍ରଶ୍ନ - ଆପଣ କାଜୁ ଚାଷ କାହିଁକି କଲେ ?
ଉତ୍ତର - ଏହି ଅଞ୍ଚଳର ଜମି କାଜୁ ଚାଷ ପାଇଁ ଉପଯୋଗୀ । ସରକାରଙ୍କ ଠାରୁ ଲିଜରେ କିଛି ଜମି ପାଇଛୁ ଓ ଜଙ୍ଗଲ ବିଭାଗ ସାହାଯ୍ୟ କରୁଛି । ତେଣୁ ଅନ୍ୟାନ୍ୟ ବ୍ୟବସାୟ ଅପେକ୍ଷା କାଜୁ ବ୍ୟବସାୟରେ ଅଧିକ ଲାଭ ପାଇଁ କାଜୁ ଚାଷ କରୁଅଛୁଁ ।

ପ୍ରଶ୍ନ- କାଜୁ ଚାଷ ବ୍ୟତିତ ଆଉ କିଛି କରୁଛନ୍ତି କି ?
ଉତ୍ତର- ହଁ ବଡି, ପାମ୍ପଡ ଓ ଗୋପାଳନ

ପ୍ରଶ୍ନ- ଏଯାଏଁ ଆପଣଙ୍କର କିଛି ଅର୍ଥନୈତିକ ଅଭିବୃଦ୍ଧି ସହ ନିଜସ୍ୱ ଲାଭ ହୋଇଛି କି ?
ଉତ୍ତର - ହଁ

ପ୍ରଶ୍ନ - ଆପଣଙ୍କ ପରିବାର ଆପଣଙ୍କୁ ସହଯୋଗ କରୁଛନ୍ତି ତ ?
ଉତ୍ତର - ହଁ ପରିବାରର ସମସ୍ତେ ଏହି କାର୍ଯ୍ୟରେ ମୋତେ ଭଲ ସହଯୋଗ କରୁଛନ୍ତି ।

ପ୍ରଶ୍ନ - ଆପଣ ଗୋଷ୍ଠୀ କାର୍ଯ୍ୟ କରିବାବେଳେ କୌଣସି ଅସୁବିଧାରେ ସମ୍ମୁଖିନ ହେଉଛନ୍ତି କି ?
ଉତ୍ତର - ନା

ପ୍ରଶ୍ନ - ଆପଣ ଭବିଷ୍ୟତରେ କେଉଁ ବ୍ୟବସାୟ ବୃଦ୍ଧି କରିବାକୁ ଚାହୁଁଛନ୍ତି ?
ଉତ୍ତର - ଗୋପାଳନ ସହିତ କାଜୁ ଚାଷରେ ମନୋନିବେଶ କରିବାକୁ ସ୍ଥିର କରିଛୁ ।

**Achievement on S.H.G. T.F.G. & JLG**

| S.H.G. | 2005-06 | | 2006-07(up to Feb-07) | |
|---|---|---|---|---|
| | No. | Amt. | No. | Amt. |
| Formation | 3260 | 150.40 | 5467 | 360.83 |
| Credit Linkage | 1799 | 412.80 | 2445 | 753.95 |
| **T.F.G.** | | | | |
| Formation | 232 | 3.08 | 804 | 29.8 |
| Credit Linkage | 80 | 20.43 | 289 | 85.74 |
| **J.L.G.** | | | | |
| Formation | - | - | 426 | 0.10 |
| Credit Linkage | - | - | 65 | 8.72 |

**Financial highlight of the year (06-07) Upto Feb - 07**

| Paid Up Share Capital (Total) | Own Fund | Deposits | Borrowings | Investment | Loans Advances | Working Capital |
|---|---|---|---|---|---|---|
| 3284.28 | 3568.74 | 28526.39 | 19833.79 | 10653.49 | 44620.94 | 60077.96 |

**ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.**

## ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର କିଛି ସଫଳତାର ସମ୍ବାଦ :



୫୩ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ରାଜ୍ୟସ୍ତରୀୟ ଉତ୍ସବରେ ଅର୍ଥମନ୍ତ୍ରୀ ମାନ୍ୟବର ଶ୍ରୀ ପ୍ରଫୁଲ୍ଲ ଘଡ଼େଇ ବ୍ୟାଙ୍କକୁ ୨୦୦୫-୦୬ ବର୍ଷରେ ଶ୍ରେଷ୍ଠ ସମବାୟ ବ୍ୟାଙ୍କ ଭାବେ ପୁରସ୍କୃତ କରୁଛନ୍ତି ।

* ୫୩ତମ ନିଖିଳଭାରତ ସମବାୟ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ସମବାୟ ବ୍ୟାଙ୍କ ତରଫରୁ ୨୦୦୫-୦୬ ବର୍ଷ ପାଇଁ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପ୍ରଥମ ସମବାୟ ବ୍ୟାଙ୍କ ପୁରସ୍କାର ଲାଭ କରଛି ଓ ରାଜ୍ୟସ୍ତରୀୟ କୃଷକ ସମାବେଶରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରଯୁକ୍ତ ନବୀନ ପଟ୍ଟନାୟକଙ୍କ ଠାରୁ ରାଜ୍ୟର ଶ୍ରେଷ୍ଠ ସମବାୟ ବ୍ୟାଙ୍କ ଭାବେ ପୁରସ୍କୃତ । ଏହା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ଋଣ ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ପାଇଁ ରାଜ୍ୟ ମିଶନ ଶକ୍ତି ତରଫରୁ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରଥମ ପୁରସ୍କାର ଲାଭ କରିଛି ।

* ରାଜ୍ୟର ପ୍ରଥମ ସମବାୟ ବ୍ୟାଙ୍କ ଭାବେ ଗ୍ରାହକ ମାନଙ୍କୁ ଉତ୍ତମ ଓ ତୁରନ୍ତ ସେବା ଯୋଗାଇ ଦେବା ପାଇଁ ବ୍ୟାଙ୍କର ମୂଖ୍ୟ କାର୍ଯ୍ୟାଳୟ ସହିତ ସମସ୍ତ ୩୦ଟି ଶାଖାର କମ୍ପ୍ୟୁଟରୀକରଣ କରାଯାଇଛି । କୃଷକ ସମେତ ଅନ୍ୟାନ୍ୟ ଗ୍ରାହକ ମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ସମିତି ସ୍ତରରେ ୫୧ଟି ସମିତିରେ କମ୍ପ୍ୟୁଟର ସେବା ପ୍ରଚଳନ କରାଯାଇଛି ।



ସିମୁଳିଆ ଶାଖାରେ କମ୍ପ୍ୟୁଟର ସେବା ପ୍ରଚଳନ ଆରମ୍ଭ

* ପ୍ରଚଳିତ ନୂତନ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ସଫଳ ମୁକାବିଲା କରି ବ୍ୟାଙ୍କକୁ ଏକ ବଳିଷ୍ଠ ବ୍ୟାଙ୍କ ଭାବେ ଗଢ଼ିବା ପାଇଁ ଓ ବ୍ୟାଙ୍କର ପଦାଧିକାରୀ ମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ସମବାୟ ସଂଘର ଆର୍ଥିକ ସହାୟତା କ୍ରମେ ଓ ଲକ୍ଷ୍ନୌ ସ୍ଥିତ BIRD ଆନୁକୁଲ୍ୟରେ ଭୋଗରାଇ ବ୍ଲକର ତାଳସାରି ଠାରେ ଗତ ଡିସେମ୍ବର ୧୮ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରଶିକ୍ଷଣ ଶିବିରକୁ ବ୍ୟାଙ୍କର ସଭାପତି ଶ୍ରୀଯୁକ୍ତ ଜୀବନ ପ୍ରଦୀପ ଦାଶ ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ । BIRD ର ବରିଷ୍ଠ ପ୍ରଶିକ୍ଷକ ଡ. ଶିଖା ତ୍ରିପାଠୀ ଓ ଶ୍ରୀ ଆର. ଭେଙ୍କଟ ସ୍ୱାମୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । Group Discussion, Video Conference, ବିଭିନ୍ନ ପ୍ରକାର ଧନ୍ଦା ମୂଳକ ଖେଳ ମାଧ୍ୟମରେ କର୍ମଚାରୀମାନଙ୍କର ବ୍ୟକ୍ତିତ୍ୱର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା ଏହି ପ୍ରଶିକ୍ଷଣ ଶିବିରରେ ଶ୍ରୀ ଶରତ ଚନ୍ଦ୍ର ଦଳସିଂହ ରାୟ ରାଜ୍ୟ ସମବାୟ ୟୁନିୟନର ପ୍ରତିନିଧି ଭାବେ ଉପସ୍ଥିତ ରହି ଶିବିର ପରିଚାଳନାରେ ସାହାଯ୍ୟ କରିଥିଲେ । ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସରେ ଯୋଗ ଦେଇଥିବା ସମସ୍ତ ପଦାଧିକାରୀ ମାନେ 'ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କକୁ ଦେଶରେ ଏକ ଅଗ୍ରଣୀ ବ୍ୟାଙ୍କ'ରେ ପରିଣତ କରିବା ପାଇଁ ସମୂହ ଶପଥ ନେଇଥିଲେ । ଆସନ୍ତା ଏକ ବର୍ଷ ମଧ୍ୟରେ ବ୍ୟାଙ୍କର ବିଭିନ୍ନ ମାନଦଣ୍ଡର ଉନ୍ନତିକୁ ପର୍ଯ୍ୟାଲୋଚନା କରି ଏକ ବିଶେଷ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଯାପନ କରିବା ପାଇଁ ସିଦ୍ଧାନ୍ତ ନିଆଯାଇଥିଲା ।



ବ୍ୟାଙ୍କର ପଦାଧିକାରୀ ମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଶିବିରରେ ବିଶେଷ କ୍ରୀଡ଼ା

* ବାଲେଶ୍ୱର ଜିଲ୍ଲା ସମବାୟ ସଂଘ ପକ୍ଷରୁ ନିଖିଳଭାରତ ୫୩ତମ ସମବାୟ ସପ୍ତାହ ବାଲେଶ୍ୱର ଭଦ୍ରକ ସମବାୟ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀଯୁକ୍ତ ତୁଷାରକାନ୍ତି ପଣ୍ଡା ଏହି ଅବସରରେ ବ୍ୟାଙ୍କ ତରଫରୁ ପ୍ରକାଶ ପାଉଥିବା ମାଇକ୍ରୋ କ୍ରେଡିଟ ବିଭାଗର ତ୍ରିୟମାସିକ ମୁଖପତ୍ର 'ଜାଗୃତି'ର ଶୁଭ ଉନ୍ମୋଚନ କରି କହିଲେ- ଗରିବ କୃଷକ ଓ ଗ୍ରାମାଞ୍ଚଳର ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ସମବାୟ ଆନ୍ଦୋଳନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଅବସରରେ ନାବାର୍ଡର ସହକାରୀ ମହାପ୍ରବନ୍ଧକ ଶ୍ରୀଯୁକ୍ତ ଉମାକାନ୍ତ ମହାନ୍ତି, ବାଲେଶ୍ୱର ସମବାୟ ସମିତି ସମୂହର ଉପନିବନ୍ଧକ ଶ୍ରୀଯୁକ୍ତ ମନୋରଞ୍ଜନ ନାୟକ,ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଆଶୀଷ ଦାସ, ସଭାପତି ଶ୍ରୀଯୁକ୍ତ ଜୀବନ ପ୍ରଦୀପ ଦାଶ ତଥା ବ୍ୟାଙ୍କର ସଂପାଦକ ଶ୍ରୀ ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲା ସମବାୟ ସଂଘର ସଭାପତି ଶ୍ରୀଯୁକ୍ତ ଅଜୟ ସାମଲ ଏହି ସଭାରେ ସଭାପତିତ୍ୱ କରିଥିଲେ ।



ବ୍ୟାଙ୍କର ମାଇକ୍ରୋ କ୍ରେଡିଟ ବିଭାଗର ତ୍ରିୟମାସିକ ମୁଖପତ୍ର 'ଜାଗୃତି'ର ଶୁଭ ଉନ୍ମୋଚନ



ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ପାଇଁ ପ୍ରଶିକ୍ଷଣଶିବିର



ସୂର୍ଯ୍ୟମୁଖୀ ଫୁଲ ଚାଷ

ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଆର୍ଥିକ ସହାୟତାରେ ଜାତୀୟ ସମବାୟ ଶିକ୍ଷାକ୍ଷେତ୍ର ପରିଯୋଜନା ଦ୍ୱାରା ବସ୍ତା ବ୍ଲକରେ ଛତୁ ଚାଷ, ସିଲେଇ ପ୍ରଶିକ୍ଷଣ, ସୋର ତୁଡିଗଡିଆ ଠାରେ ଏକ ସିଲେଇ ପ୍ରଶିକ୍ଷଣ ଶିବିର, କୁରୁଣ୍ଡା ସେବା ସମବାୟ ସମିତିରେ ଏକ ଆଚାର ତିଆରୀ ପ୍ରଶିକ୍ଷଣ ଶିବିର କରାଯାଇଅଛି । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ରୋଜଗାର ଭିତ୍ତିରେ ଆତ୍ମନିର୍ଭରଶୀଳ କରିବା ପାଇଁ ଏହି ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ । ଏହି ପ୍ରଶିକ୍ଷଣ ଶିବିରରେ ୩୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ର ୭୦ଜଣ ସଭ୍ୟ ତାଲିମ ନେଇଥିଲେ । ରାଜ୍ୟର ପ୍ରଥମ ଥର ପାଇଁ ଜାତୀୟ କୃଷି ଉନ୍ନୟନ ବ୍ୟାଙ୍କ, ଜିଲ୍ଲା କୃଷି ବିଭାଗ ଓ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ମିଳିତ ପ୍ରଚେଷ୍ଟାରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକରେ ସୂର୍ଯ୍ୟମୁଖୀ ଫୁଲ ଚାଷ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇ ପାରିଛି । ଏହି ଚାଷ ଦ୍ୱାରା ଅଳ୍ପ ବ୍ୟୟ ଓ ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ଉପାର୍ଜନ କରାଯାଇ ପାରୁଥିବାରୁ ଭଦ୍ରକ ଜିଲ୍ଲାର କୃଷକମାନଙ୍କୁ କେନ୍ଦ୍ର ସମବାୟ ବ୍ୟାଙ୍କରୁ ଋଣ ଦେଇ ୮୭୬ ଏକର ଜମିରେ ସଫଳ ରୂପେ ଚାଷ କରାଯାଇଛି । ଚାଷୀମାନଙ୍କର ଉତ୍ପାଦିତ ଫସଲ ଉଚିତ ମୂଲ୍ୟରେ ଖରିଦ କରିବା ପାଇଁ ନାଫେଡ ସଂସ୍ଥାରେ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହ ଚୁକ୍ତି ନାମା ସ୍ୱାକ୍ଷର କରାଯାଇଛି ।

ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ବିଭିନ୍ନ ଶାଖା ତଥା ସମିତି ସ୍ତରରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ ସଭ୍ୟାଙ୍କ ପାଇଁ ପ୍ରଶିକ୍ଷଣ ତଥା କର୍ମ ଶିବିର କରାଯାଇ ଗୋଷ୍ଠୀର ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଶିକ୍ଷା ଦିଆଯାଇଛି ।



ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଗହଣରେ ସମବାୟ ମନ୍ତ୍ରୀ

## ଅନ୍ୟ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀର ଖବର

ନିଜେ ନିଜକୁ ସାହାଯ୍ୟ କରିବା ହିଁ ଆତ୍ମ ଉନ୍ନତିର ସର୍ବଶ୍ରେଷ୍ଠ ସାଧନା । ଏହା କେତେକଙ୍କୁ ଅବାସ୍ତବ ଲାଗିପାରେ । କିନ୍ତୁ ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜିର ମହିଳା ମାନେ ଏହାର ସାର୍ଥକତା ପ୍ରତିପାଦନ କରିପାରିଛନ୍ତି । ୨୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ କଣ୍ଟାବାଞ୍ଜିର ସବୁଠାରୁ ବଡ଼ ଦଳଦଳି ଜଳାଶୟ କମ୍ଭସାଗରକୁ ଏକ ସ୍ୱଚ୍ଛ ନିର୍ମଳ ଜଳାଶୟରେ ପରିଣତ କରାଯାଇ ପାରିଛନ୍ତି । ଦୀର୍ଘ ୧୧୫ ଏକର ଜମିରେ ଏହି କମ୍ଭସାଗର ଜଳାଶୟ କଣ୍ଟାବାଞ୍ଜିର ପ୍ରାୟ ୩୦ ହଜାର ଗ୍ରାମ ବାସୀଙ୍କ ପାଇଁ ଜଳର ଉତ୍ସ । ଦୀର୍ଘ ଦିନ ଧରି ଏହାର ଜଳ ଅପରିଷ୍କାର ତଥା ଅବ୍ୟବହୃତ ହୋଇ ପଡି ରହିଥିଲା । ବାରମ୍ବାର ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କିଛି ଫଳ ନମିଳିବାରୁ ସମସ୍ୟାର ସମାଧାନ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା କରାଯାଇପାରିଥିବା ଏହି କାର୍ଯ୍ୟ ନିଶ୍ଚିତ ଭାବେ ଅଭିନନ୍ଦନୀୟ ।

## କିଛି ତଥ୍ୟ:

୨୦୦୧ ମାର୍ଚ୍ଚରୁ ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା ଲାଗି ମିଶନ ଶକ୍ତି କାର୍ଯ୍ୟକାରୀ ହେଉଛି । ୨୦୦୫ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ୧ଲକ୍ଷ ଏସ.ଏଚ୍.ଜି ଗଠନ ଲାଗି ଲକ୍ଷ୍ୟ ରଖାଯାଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ମାର୍ଚ୍ଚ ୨୦୦୮ ସୁଦ୍ଧା ଏହାକୁ ୨ ଲକ୍ଷକୁ ବୃଦ୍ଧି କରାଯାଇଛି ଏବଂ ୨୦୦୫ ଅଗଷ୍ଟ ସୁଦ୍ଧା ରାଜ୍ୟରେ ସମୁଦାୟ ୧.୬୬ ଲକ୍ଷ ଏସ.ଏଚ.ଜି ଖୋଲାଯାଇ ୨୧.୫୪ ଲକ୍ଷ ମହିଳାଙ୍କୁ ଏହାର ପରିସରକୁ ଅଣାଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ତିଆରି କରାଯାଉଥିବା ବିଭିନ୍ନ ପଣ୍ୟ ଦ୍ରବ୍ୟ ଓଡିଶା ରାଜ୍ୟ ସରକାରଙ୍କର ସ୍ୱୀକୃତୀପ୍ରାପ୍ତ ଅନୁଷ୍ଠାନ ଓରମାସ୍ ଦ୍ୱାରା ଉଚିତ୍ ମୂଲ୍ୟରେ କ୍ରୟ କରାଯିବ ।

## ତାଜା ଖବର :

ବ୍ୟାଙ୍କ ସମ୍ବନ୍ଧରେ ସବିଶେଷ ତଥ୍ୟ ଜନସାଧାରଣଙ୍କ ଜାଣିବା ପାଇଁ ଏକ ୱେବସାଇଟ୍ ଖୋଲାଯାଇଅଛି ।ଏହି ୱେବସାଇଟକୁ ମାନ୍ୟବର ସମବାୟ ମନ୍ତ୍ରୀ ଶ୍ରୀମତୀ ସୁରମା ପାଢ଼ୀ ଗତ ତା୧୭.୦୩.୦୭ରିଖରେ ବ୍ୟାଙ୍କର ସିମୁଳିଆ ଶାଖା ଠାରେ ଉନ୍ମୋଚନ କରିଛନ୍ତି । ଆପଣମାନେ www.dccb-balasore.comମାଧ୍ୟମରେ ୱେବସାଇଟରୁ ବ୍ୟାଙ୍କର ବିଭିନ୍ନ ତଥ୍ୟ ଅବଗତ ହୋଇପାରିବେ ।

ଏବେ ୫୪୭ ଦିନର ସ୍ଥାୟୀ ଜମା ଉପରେଶତ କଡ଼ା ୯.୬ ଓ ବରିଷ୍ଠ ନାଗରିକଙ୍କ ପାଇଁ ଶତକଡ଼ା ୧୦.୧୦ ହାରରେ ସୁଧ ଉପଲବ୍ଧ ।

ସ୍ୱଳ୍ପ ସଞ୍ଚୟକାରୀମାନଙ୍କ ପାଇଁ୫୦,୦୦୦ଟଙ୍କାର ଦୁର୍ଘଟଣାଜନିତ ଜମା ।

ଗତ ତା୧୭.୦୩.୦୭ରିଖରେ ମାନ୍ୟବର ସମବାୟ ମନ୍ତ୍ରୀ ଶ୍ରୀମତୀ ସୁରମା ପାଢ଼ୀଙ୍କ ଦ୍ୱାରା ସିମୁଳିଆ ଶାଖାର ସଂପୂର୍ଣ୍ଣ କମ୍ପ୍ୟୁଟର ସେବାକାର୍ଯ୍ୟ ଆରମ୍ଭ ।

ରାଜ୍ୟର ସର୍ବ ପ୍ରଥମ କେନ୍ଦ୍ର ସମବାୟ ବ୍ୟାଙ୍କ ଭାବେ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟଙ୍କ ପାଇଁ ICICI Prudential Insurance ସହଯୋଗରେ ଟ.୫୦,୦୦୦/- ପର୍ଯ୍ୟନ୍ତ ଦୁର୍ଘଟଣା ଜନିତ ବୀମା ବ୍ୟବସ୍ଥା ।

ରାଜ୍ୟର ସର୍ବ ପ୍ରଥମ କେନ୍ଦ୍ର ସମବାୟ ବ୍ୟାଙ୍କ ଭାବେ ସମସ୍ତ କିଷାନ କ୍ରେଡିଟ୍ କାର୍ଡ ଧାରୀଙ୍କ ପାଇଁ ICICI Prudential Insurance ସହଯୋଗରେ ଟ.୫୦,୦୦୦/- ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ବୀମା ବ୍ୟବସ୍ଥା ।

Published by : Satyanarayan Panda, Secretary, Balasore Bhadrak Central Co operative Bank, Balasore
Printed at Omkar Offset, Nayabazar, Balasore, M: 9437066265